## ସଂକ୍ଷେପରେ

### ନାତୁଣୀ ମାଡ଼ରେ ଆଈ ଗୁରୁତର

**ଖଡ଼ିଆଲ,୨୬।୯(ଡି.ଏନ.ଏ.):** ନୂଆପଡା ଜିଲା ଖରିଆଳ ବ୍ଲକ ଝୋଲପଥର ଗାଁରେ ନାତୁଣୀ ମାଡ଼ରେ ଆଈ ଗୁରୁତର ହୋଇ ଖରିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଝୋଲପଥର ଗାଁର ଶାନ୍ତି ନେତାମ ବୋହୁଙ୍କୁ ତାଗିଦ କରୁଥିବା ବେଳେ ନାତୁଣୀ ମା'ଙ୍କୁ ବାରମ୍ବାର କାହିଁକି କହୁଛୁ କହି ମାଡ଼ ମାରିଥିଲେ। ନାତୁଣୀ ମାଡ଼ରେ ଆଈ ଗୁରୁତର ହେବାରୁ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା। ରାସ୍ତା ଖରାପ ଥିବାରୁ ଏକ କି.ମି. ଦୂରରେ ଆମ୍ବୁଲାନ୍ସ ରହିଯାଇଥିଲା। ଆମ୍ବୁଲାନ୍ସ କର୍ମଚାରୀ ଓ ଗ୍ରାମବାସୀଙ୍କ ସହାୟତାରେ ବୃଦ୍ଧାକୁ ଖଟିଆରେ ବୋହି ଆମ୍ବୁଲାନ୍ସରେ ଆଣି ଖରିଆଳ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏ ନେଇ ତାଙ୍କ ସ୍ୱାମୀ ହାଡୁ ନେତାମ ଥାନାରେ ଏତଲା ଦେଇଛନ୍ତି।

### ଗ୍ୟାସ୍ ଲିକ୍‌ରୁ ପୋଡ଼ିଲା ଘର

**ଗୋଲାମୁଣ୍ଡା,୨୬।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଡୁମୁରା ଗ୍ରାମର ହିମାଂଶୁ ଗହିରଙ୍କ ଘରେ ଗ୍ୟାସ ଲିକ ହୋଇ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡିଛି । ରବିବାର ସନ୍ଧ୍ୟାରେ ଗ୍ୟାସ ଲିକ ହୋଇ ହଠାତ ଘରେ ନିଆ ଲାଗି ଯାଇଥିଲା। ଗୋଲାମୁଣ୍ଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଦୁଇ ବଖରା ଜଳି ଯିବା ସହିତ ଘରେ ଥିବା ଅସବାବପତ୍ର ସାଙ୍ଗକୁ ଚାଉଳ ଓ ଏକ ଫ୍ରିଜ ମଧ ପୋଡି ଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପରିବାର ଲୋକେ କହିଛନ୍ତି। ଅଗ୍ନିକାଣ୍ଡରେ ଘର ଲୋକେ କେହି ଅଘାତ ହୋଇ ନ ଥିବା ଜଣାପଡିଛି।

### ୨୧ କେଜି ଗଞ୍ଜେଇ ଜବତ, ୨ ଗିରଫ

**ନୂଆପଡ଼ା ଅଫିସ,୨୬।୯:** ନୂଆପଡା ଜିଲା ଖରିଆର ରୋଡ ଜଲାରାମ ଛକଠାରେ ଜୋଙ୍କ ପୋଲିସ ଚଢାଉ କରି ୨୧ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ହେଲେ ଲଖନା ଥାନା କୁରୁମପୁରି ଗାଁର କୈଳାସ ମାଝି (୩୯) ଓ ରାଜସ୍ଥାନ ନାଗାଉର ଜିଲା ଦିଗୱାନର ସଞ୍ଜୟ ବୈଷ୍ଣବ (୧୯)। ରବିବାର ସକାଳେ ଜୋଙ୍କ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶ ଯକ୍ରମେ ଏସଆଇ ଅରବିନ୍ଦ ମେହେରଙ୍କ ନେତୃତ୍ୱରେ ଏକ ଟିମ ଖରିଆର ରୋଡ ସହରରେ ପାଟ୍ରୋଲିଂ କରୁଥିଲେ। ଜଲାରାମ ଛକ ନିକଟରେ ୨ଜଣ ବ୍ୟକ୍ତି ଦୁଇଟି ବ୍ୟାଗ ଧରି ବସ ଅପେକ୍ଷା କରିଥିଲେ। ସନ୍ଦେହ ହେବାରୁ ପାଟ୍ରୋଲିଂ ଟିମ ବ୍ୟାଗ ଯାଞ୍ଚ କରିଥିଲେ। ସେଥିରୁ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ସଦର ଅତିରିକ୍ତ ତହସିଲଦାର କୈଳାଶ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ୨ଟି ବ୍ୟାଗରେ ୧୦ଟି ପ୍ୟାକେଟରେ ୨୧ କେଜି ଗଞ୍ଜେଇ ବାହାରି ଥିଲା। ଗଞ୍ଜେଇ ଜବତ କରିବା ସହ ଉଭୟଙ୍କୁ ପୋଲିସ ଗିରଫ କରିଥିଲା। ଉଭୟଙ୍କଠାରୁ ୨ଟି ମୋବାଇଲ ଓ ନଗଦ ୧୫୩୦ ଟଙ୍କା ଜବତ କରିଥିଲା। ଏ ନେଇ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ଆଇଆଇସି ସେଠୀ ସୂଚନା ଦେଇଛନ୍ତି।

### ଅଗ୍ରେସନ ଜୟନ୍ତୀ ପାଳିତ

**ରୁପ୍ରା ରୋଡ,୨୬।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରା ରୋଡରେ ଅଗ୍ରେସନ ଜୟନ୍ତୀ ପାଳିତ ହୋଇଯାଇଛି। ଅଗ୍ରେସନ ମହାରାଜଙ୍କ ଭବ୍ୟ ଫଟୋକୁ ଏକ ସୁସଜ୍ଜିତ ରଥରେ ନଗର ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଖିଳ ଭାରତୀୟ ମାରୱାଡି ସମ୍ମେଳନ, ମାରୱାଡି ଯୁବା ମଞ୍ଚ ଓ ମାରୱାଡି ମହିଳା ସମିତ ଆୟୋଜନ କରିଥିଲେ। ମାରୱାଡି ଯୁବା ମଞ୍ଚ ରୁପ୍ରା ରୋଡ ଶାଖା ସଭାପତି ଗଣେଶ ରାମ ଖେତାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଉତ୍କଳ ପ୍ରାଦେଶୀକ ମାରୱାଡି ସମ୍ମେଳନ ରାଜ୍ୟ ଅଧକ୍ଷ ଡ. ଗୋବିନ୍ଦ ରାମ ଅଗ୍ରୱାଲ ସମ୍ବଲପୁରରୁ, ଉପସଭାପତି ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ, ରାଉରକେଲା ଜୋନ ପୱନ ସୁଲତାନୀଆ ମୁଖ୍ୟବକ୍ତା ଏବଂ ନର୍ଲା ପଞ୍ଚାୟତ ସମିତି ଅଧକ୍ଷ୍ୟା ମନୋରମା ମହାନ୍ତି ସମ୍ମାନିତ ଅତିଥି, ମାରୱାଡି ମହିଳା ସମିତି ଅଧକ୍ଷ୍ୟା ସସ୍ମିତା ଅଗ୍ରୱାଲ, ସମ୍ମେଳନ ସଭାପତି ରାଧେଶ୍ୟାମ ଖେତାନ, ଜୋନାଲ ଉପସଭାପତି କଳାହାଣ୍ଡି ସୁବାଷ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଜୟନ୍ତୀ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମଞ୍ଚ ସଭାପତି ଗଣେଶରାମ ଖେତାନ ପରିଚୟ ପ୍ରଦାନ କରିଥିଲେ, ନେହା ଜୈନ ମଞ୍ଚ ପରିଚାଳନା ଏବଂ ମଞ୍ଚ ସମ୍ପାଦକ ରିନେଶ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ଦୁର୍ଗାପୂଜା ପାଇଁ ଭବାନୀପାଟଣା ଚଳଚଞ୍ଚଳ

**ଭବାନୀପାଟଣା,୨୬।୯(ସ୍ୱ.ପ୍ର.)**

ଆସିଛି ପାର୍ବଣ ଋତୁ। ଧରା ପୃଷ୍ଠରେ ଅବତରଣ କରିବେ ମା' ଜଗତ ଜନନୀ ଦୁର୍ଗା। ଏବେ ଚାରିଆଡେ ଆରମ୍ଭ ହେଲାଣି ଉତ୍ସବର ମାହୋଲ। ଚଳିତବର୍ଷ କଟକଣାମୁକ୍ତ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ଭବାନୀପାଟଣା ସହର। ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ମେଢ ସାଙ୍ଗକୁ ସୁସଜ୍ଜିତ ଆଲୋକମାଳାରେ ଝଲସି ଉଠୁଛି ଭବାନୀପାଟଣା ସହର। ସେହିପରି ଚଳିତବର୍ଷ ନକଟିଗୁଡା ପୂଜା କମିଟି ପକ୍ଷରୁ ପ୍ରଦର୍ଶିତ ହେବ ଦାଣ୍ଡି ଯାତ୍ରା। ଏହାସହ ଭବାନୀପାଟଣା ସହରର ବିବିସିପଡା ପୂଜା କମିଟି, ଜନତା ପୂଜା କମିଟି, ପ୍ରଦେଶୀପଡା ପୂଜା କମିଟି ଓ ନକଟିଗୁଡା ପୂଜା କମିଟି ଆଦି ୧୦ଟି ପୂଜା ମେଢକୁ ନେଇ ଜୋରସୋରରେ ଚାଲିଛି ପ୍ରସ୍ତୁତି। ଏହା ଛଡା ସୁସଜ୍ଜିତ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗର ବିଭିନ୍ନ ମୂର୍ତ୍ତିମାନ ତିଆରି ହୋଇଛି। ସନ୍ଧ୍ୟାରେ ସୁସଜ୍ଜିତ ଆଲୋକ ମାଳାରେ ଝଲସି ଉଠୁଛି ସାରା ଭବାନୀପାଟଣା ସହର। ଏସବୁ ଭିତରେ ଶ୍ରଦ୍ଧାଳୁ ଓ ଦର୍ଶକମାନଙ୍କ ପାଇଁ ମୀନା ବଜାର ଓ ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ମଧ ଆୟୋଜନ କରାଯାଇଛି। ପୂଜା କମିଟି ପକ୍ଷରୁ ୭ ଦିନ ବ୍ୟାପି ମନୋରଞ୍ଜନ ପାଇଁ ମେଲୋଡି, ମୀନା ବଜାର, ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି। ଏ ସବୁକୁ ନେଇ କମିଟି କର୍ମକର୍ତ୍ତା ମଧ ବେଶ ଉତ୍ସାହିତ। ଏହାସହ ହାତରେ ଆଉ ଅଳ୍ପ ସମୟ ଥିବା ବେଳେ ଯେଉଁ କିଛି ସାଜସଜ୍ଜା ବାକି ରହିଯାଇଛି, ତାକୁ ସରିବା ପାଇଁ ଲାଗି ପଡିଛନ୍ତି କାରିଗର। ଲୋକମାନେ ଏଥର ବହୁତ ଉତ୍ସାହିତ ଅଛନ୍ତି। କରୋନା ମହାମାରୀର ଦୁଇ ବର୍ଷ ପରେ ସର୍ବ ସାଧାରଣଙ୍କ ପାଇଁ ମଣ୍ଡପ ଖୋଲା ହେଉଛି। ପୂଜା ପାଇଁ ମଣ୍ଡପର ସମସ୍ତ ପ୍ରସ୍ତୁତି ସରିଯାଇଛି। ଏହାଛଡା ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ମଧ ଆୟୋଜନ କରାଯାଉଛି ବୋଲି ପ୍ରଦେଶୀପଡା ପୂଜା କମିଟି ସମ୍ପାଦକ ଇନ୍ଦୁମୋଲି ପାଣିଗ୍ରାହୀ ପ୍ରକାଶ କରିଛନ୍ତି।


ସନ୍ଧ୍ୟାରେ ଆଲୋକମାଳାରେ ଝଲସୁଛି ଭବାନୀପାଟଣା ସହର।

**ସନ୍ଧ୍ୟାରେ ଆଲୋକମାଳାରେ ଝଲସୁଛି ସହର**

# ଶିରୋଲରେ ଝାଡ଼ାବାନ୍ତି, ୬ ଦିନରେ ୩୬ ଆକ୍ରାନ୍ତ

**ଗାଁରେ ପହଞ୍ଚିଲେ ୫ ଜଣିଆ ଡାକ୍ତରୀ ଟିମ୍**


କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡ଼ାବାନ୍ତି ଆକ୍ରାନ୍ତମାନେ ଚିକିତ୍ସିତ ହେଉଛନ୍ତି।

**କେସିଙ୍ଗା,୨୬।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ପରେ ଜିଲାର କେସିଙ୍ଗା ବ୍ଲକ ଶିରୋଲ ଗ୍ରାମରେ ଝାଡ଼ାବାନ୍ତିର ପ୍ରଭାବ ଦେଖିବାକୁ ମିଳିଛି। ଏଠାରେ ଗତ ୬ ଦିନ ମଧ୍ୟରେ ଝାଡ଼ାବାନ୍ତି ପ୍ରକୋପ ବିଶେଷ ଭାବେ ଦେଖାଦେଇଛି। ଏହି ଗ୍ରାମର କ୍ଷୀର ଗୌଡ଼ (୬୮), ଭୁବନ ସାହୁ (୨୦), କୁନି ବାଗ (୩୮), ନିରଞ୍ଜନ ନାୟକ (୫୦), ଲକ୍ଷଣ ବାଗ (୬୦), କମଳା ବେୱା(୬୦), ଦୋଲମଣି ବାଗ(୪୪), ମୋହିତ ଗୌଡ଼ (୧୨) ଏହିପରି ୩୬ଜଣ ଗୁରୁତର ହୋଇ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏଥି ମଧ୍ୟରୁ ଯୋଗେନ୍ଦ୍ର ଗୌଡ଼ (୫୦) ଓ ପଦୁ ଭୋଇ (୬୦) ଗୁରୁତର ହେବାରୁ ଭବାନୀପାଟଣା ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆଜକୁ ୬ ଦିନ ବିତିଗଲାଣି ଝାଡ଼ାବାନ୍ତି ଥମୁନାହିଁ। ଶିରୋଲ ସରପଞ୍ଚ ପ୍ରତ୍ୟେକ ପଡ଼ାରେ ବଲିଚିଂ ପାଉଡର ସିଞ୍ଚନ କରାଇଥିଲେ। ଝାଡ଼ାବାନ୍ତି ଥମୁ ନ ଥିବାରୁ ସରପଞ୍ଚଙ୍କ ଅଭିଯୋଗ କ୍ରମେ ସୋମବାର ପାଷ୍ଟିକୁଡି ଗୋଷ୍ଠୀକେନ୍ଦ୍ରରୁ ଏକ ୫ଜଣିଆ ଡାକ୍ତରୀ ଟିମ ଉକ୍ତ ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଗ୍ରାମର ଗୋଟିଏ କୂଅରୁ ପାଣି ପିଉଥିବାରୁ ଏହିପରି ହେଉଥିବା ଡାକ୍ତର ଦଳ ପ୍ରକାଶ କରିଛନ୍ତି। ଡା. ଶାନ୍ତନୁ ଜେନା, ବିଶ୍ୱ ମୋହନ ଠାକୁର ବିପିଏମ, ଭଗବାନ ଗହୀର, ବୈଶାଳି ମହଲା, ଅଙ୍ଗନୱାଡି ଓ ଆଶା କର୍ମୀମାନେ ଯୋଗଦାନ କରିଥିଲେ।

# ବଫଲା ମାଳି ଖଣି ଖନନକୁ ବିରୋଧ

**ପ୍ରଭାବିତଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନ**

**ଭବାନୀପାଟଣା,୨୬।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପିନାଥପୁର ମା' ମାଉଲୀ ମନ୍ଦିର ନିକଟସ୍ଥ ପଡିଆରେ ରବିବାର ସ୍ଥାନୀୟ କଂଗ୍ରେସ ପକ୍ଷରୁ ବଫଲା ମାଲି ଖଣି ଖନନ ବିରୋଧରେ ଏକ ବିରାଟ ସମାବେଶ କରାଯାଇଛି। ଏଥିରେ ଖଣି ପ୍ରଭାବିତ ଅଞ୍ଚଳର ଅନେକ ଲୋକେ ସାମିଲ ହୋଇଥିଲେ। ଆସନ୍ତା ୧ ମାସ ମଧ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମେତ ବଫଲାମାଳି ଖଣି ଖନନ ଦାୟିତ୍ୱରେ ଥିବା ଉତ୍କଳ ଆଲୁମିନା କମ୍ପାନୀ ପ୍ରଭାବିତ ଅଞ୍ଚଳର ଲୋକଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ନ ନେଲେ ଖଣି ଖନନକୁ ବନ୍ଦ କରାଯିବା ନେଇ ଚେତାବନୀ ଦିଆଯାଇଛି। ସେହିପରି କମ୍ପାନୀ ଓ ସାଧାରଣ ଜନତା ମଧ୍ୟରେ ଖଣି ଖନନ ପୂର୍ବରୁ ହେଇଥିବା ଗ୍ରାମ ସଭାର ନିଷ୍ପତ୍ତି ମୁତାବକ ଅଡ୍ରିଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ, ୩ଜଣ ଡାକ୍ତର ନିଯୁକ୍ତି ସହ ଆବଶ୍ୟକ କର୍ମଚାରୀ, ଏକ୍ସରେ ମେଶିନ ଓ ବିଭିନ୍ନ ନମୂନାର ପରୀକ୍ଷଣ ଆଦି ଉପଲବ୍ଧ କରାଯାଉ। ଉକ୍ତ ଅଞ୍ଚଳ ଯୁବକଙ୍କ ପାଇଁ ଯୁକ୍ତ ୨, ଯୁକ୍ତ ୩ ସହ ବୈଷୟିକ ଶିକ୍ଷାଦାନ ସହ କମ୍ପାନୀରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆଦି ଦାବି କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ଜଳନ୍ଧର ନାଏକଙ୍କ ଅଧ୍ୟକ୍ଷତାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ନାରୀ ନେତ୍ରୀ ଦୌପଦୀ ମାଝି, ମନୋରଞ୍ଜନ ନାଏକ, ମୂରଲୀ ଧର ନାକେ, ଅଶୋକ କୁମାର ସିଂ, ସରୋଜ ବାଗ, କ୍ରୀଷ୍ଟୋ ମାଝି, ପରମାନନ୍ଦ ମାଝି ଓ ଜିଲା ସଭାପତି ଭାରତ ବେମାଲ ପ୍ରମୁଖ ଯୋଗଦେଇଥିଲେ ।



କଂଗ୍ରେସ ପକ୍ଷରୁ ଆୟୋଜିତ ସମାବେଶ।

### ତେରେସିଙ୍ଗା, ପଥର୍ଲା ପଞ୍ଚାୟତରେ ଜନଶୁଣାଣି ଶିବିର

**କର୍ଲାମୁଣ୍ଡା/କେସିଙ୍ଗା, ୨୬।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗା ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ୍ୟା କୁନି ସାହୁ, ଭାରପ୍ରାପ୍ତ ବିଡିଓ ଶିଧେଶ୍ୱର ମେହେର, ଜିପିଇଓ ଯୁଗଳ କିଶୋର ନାଏକ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସରପଞ୍ଚ ପ୍ରମୋଦ ସୁନା, ସମିତି ସଭ୍ୟା ଚନ୍ଦ୍ରମା ରଣା, କିରାଣି ପ୍ରଦୀପ କୁମାର ମାଝି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରମେଶ ମହଲାଙ୍କ ସମେତ ବ୍ଲକର ଅନ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ମୋଟ ୫୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ରାଶନ କାର୍ଡ, ଆବାସ ଯୋଜନା, ଭତ୍ତା ଭଳି ଅନେକ ଅଭିଯୋଗ ହୋଇଥିଲା। ସେହିପରି କେସିଙ୍ଗା ବ୍ଲକ ପଥର୍ଲା ପଞ୍ଚାୟତରେ ପଞ୍ଚାୟତ ସମିତିସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ପଥର୍ଲା ପଞ୍ଚାୟତ ପ୍ରାୟ ୩୩୭ଜଣ ଅଭିଯୋଗକାରୀ ଅଭିଯୋଗ କରିଥିଲେ। ସେଥିମଧ୍ୟରୁ ୧୯୩ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୪୩ ଜଣ ବାର୍ଦ୍ଧକ୍ୟ ଭତ୍ତା, ୫୭ଜଣ ରାଶନ କାର୍ଡ, ୩୬ଜଣ କାଳିଆ ଯୋଜନା ଏବଂ ୮ଜଣ ଅନ୍ୟାନ୍ୟ ସୁବିଧା ନ ପାଇବା ଅଭିଯୋଗ କରିଥିଲେ। କେତେକ ଅଭିଯୋଗକାରିଙ୍କ ଅସୁବିଧା ତୁରନ୍ତ ସମାଧାନ କରିଥିବାବେଳେ ଆଉ କେତେଜଣଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡିଓ ପ୍ରଫୁଲ୍ଲ କୁମାର ଅଡୁ, ଅତିରିକ୍ତ ତହସିଲଦାର, ଉପାଧକ୍ଷ୍ୟା ରାଜ ଲକ୍ଷ୍ମୀ ପଟ୍ଟନାୟକ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଓ ପଥର୍ଲା ସରପଞ୍ଚ ଗିତାଞ୍ଜଳୀ ଖର୍ଷେଲ, ସମିତି ସଭ୍ୟ ରୋମାନଞ୍ଚଳ ରଣା, ପଥର୍ଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ଦୁର୍ଗା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବିଭାଗିୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଛୁଆ ଜିଲାର ଆଗୁଆ ଶିକ୍ଷକ ପଞ୍ଚାନନ ଦୁରିଆ

**ରାଜଧାନୀ ଦିଲ୍ଲୀ ଶିକ୍ଷା ମଡେଲର ମେଣ୍ଟର ମନୋନୀତ**

**ଭବାନୀପାଟଣା,୨୬।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ଗ୍ରାମର ପଞ୍ଚାନନ ଦୁରିଆ ଦିଲ୍ଲୀ ସରକାରଙ୍କ ଶିକ୍ଷା ମଡେଲର ମେଣ୍ଟର ଭାବେ ମନୋନୀତ ହୋଇଛନ୍ତି। ଶିକ୍ଷା ଏବେ ବ୍ୟବସାୟରେ ପରିଣତ ହୋଇଥିବାବେଳେ ଅଧାପକ ପଞ୍ଚାନନ ଶିକ୍ଷାକୁ ବୃତ୍ତି କରି ପିଲାଙ୍କୁ ନିଶୁଳ୍କ ଶିକ୍ଷା ପ୍ରଦାନ କରୁଛନ୍ତି। ପଛୁଆବର୍ଗର ଜଣେ ଆଗୁଆ ଶିକ୍ଷକ ଭାବେ ପରିଚିତ ହୋଇଛନ୍ତି ପଞ୍ଚାନନ ଦୁରିଆ। ଗତ ୧୦ ବର୍ଷ ହେବ ଇଂଲିଶ ସପୋର୍ଟ ମିଶନ ନାମରେ ସେ ପିଲାଙ୍କୁ ଶୁଳ୍କମୁକ୍ତ ଇଂଲିଶ ଶିକ୍ଷା ପ୍ରଦାନ କରି ଆସୁଛନ୍ତି। ଏଥିପାଇଁ ସେ ଜାତୀୟସ୍ତରରେ ମଧ ସମ୍ମାନିତ ହୋଇଛନ୍ତି। ଏବେ ତାଙ୍କୁ ଦିଲ୍ଲୀରୁ ଡକରା ଆସିଛି। ପଞ୍ଚାନନ ବର୍ତ୍ତମାନ ନବରଙ୍ଗପୁର ଜିଲା କୋଡିଙ୍ଗା କଲେଜର ଇଂଲିଶ ଅଧାପକ ଭାବେ କାର୍ଯ୍ୟରତ ଅଛନ୍ତି। ଗ୍ରାମୀଣ ଇଲାକାରେ ଗରିବ ଛାତ୍ରୀଛାତ୍ରଙ୍କୁ ମାଗଣା ଇଂଲିଶ ଶିକ୍ଷାଦାନ ପାଇଁ ଗ୍ଲୋବାଲ ଟିଚର ରୋଲ ମଡେଲ ୨୦୧୯ରେ ସମ୍ମାନିତ ହୋଇଛନ୍ତି ପଞ୍ଚାନନ ଦୁରିଆ। ଡିଜିଟାଲ ଯୁଗରେ ଇଂଲିଶ ଭାଷାର ଚାହିଦା ଦେଖି ଗତ ଦିନରେ ଏହା ଉପରେ ଗବେଷଣା କରି ତାଙ୍କ ମିଶନ ଆରମ୍ଭ କରିଛନ୍ତି। ମିଶନର ମୂଳ ଲକ୍ଷ୍ୟ ହେଲା ଗ୍ରାମାଞ୍ଚଳ ଓ ଗରିବ ପିଲାଙ୍କ ମଧ୍ୟରେ ଇଂଲିଶ ଭାଷାକୁ ନେଇ ତାଙ୍କ ମନରେ ଥିବା ଭୟ ଦୂର କରିବା ସହ ତାଙ୍କୁ ଇଂଲିଶ କହିବା ଦକ୍ଷତା ବଢେଇବା। ନିଜ ମାଟିର ଗ୍ରାମୀଣ ଯୁବତୀଯୁବକଙ୍କୁ ଇଂଲିଶ ଶିକ୍ଷା ପାଇଁ ସେ ୨୦୧୩ରୁ ଅଭିଯାନ ଆରମ୍ଭ କରିଛନ୍ତି। ଦିଲ୍ଲୀ ସରକାରଙ୍କ ମେଣ୍ଟର ଭାବେ ମନୋନୀତ ହୋଇ ଅଞ୍ଚଳ ସମେତ ଜିଲା ପାଇଁ ଗୌରବ ଆଣିଛନ୍ତି। ଶିକ୍ଷା ମଡେଲ ପାଇଁ ଦିଲ୍ଲୀ ସରକାର ତାଙ୍କ ଦ୍ୱାରା ପରିଚାଳିତ ଶିକ୍ଷା ମଡେଲରେ ମେଣ୍ଟର ରୂପେ ମନୋନୀତ କରିଛନ୍ତି। ପଞ୍ଚାନନ ଦିଲ୍ଲୀ ସ୍କୁଲ ପିଲାଙ୍କୁ (ପ୍ରଥମରୁ ସ୍ନାତକ) ଇଂଲିଶ ଶିକ୍ଷା ପ୍ରଦାନ କରିବେ। ଏଥିପାଇଁ ଦିଲ୍ଲୀ ସରକାରଙ୍କ ପକ୍ଷରୁ ତାଙ୍କୁ ବିଧିବଦ୍ଧ ଭାବେ ଯୋଗାଯୋଗ କରାଯାଇଛି।


ଇଂଲିଶ ଅଧାପକ ପଞ୍ଚାନନ ଦୁରିଆ।

# ବ୍ଲକସ୍ତରୀୟ ଏନ୍‌ଏମ୍‌ଓପିଏସ୍ କମିଟି ଗଠିତ



କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ବିଭାଗ କର୍ମଚାରୀମାନେ।

**କର୍ଲାମୁଣ୍ଡା,୨୬।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ବିଭାଗ କର୍ମଚାରୀଙ୍କୁ ନେଇ ବ୍ଲକ ସଦରସ୍ଥିତ ଯୁକ୍ତ ୨ କଲେଜରେ ସୋମବାର ବ୍ଲକସ୍ତରୀୟ ଏନ୍‌ଏମ୍‌ଓପିଏସ୍ କମିଟି ଗଠିତ ହୋଇଛି। ବ୍ଲକ ଶିକ୍ଷକ ସଂଘ ସଭାପତି ରୋହିତ କୁମାର ରଣାଙ୍କ ସଭାପତିତ୍ୱରେ ଏନ୍‌ଏମ୍‌ଓପିଏସ୍ ଜିଲା ଉପସଭାପତି ବସନ୍ତ କୁମାର, ଜୟପାଟଣା ବ୍ଲକ ସମ୍ପାଦକ ଲଳିତ କୁମାର ନାଏକ, ଥୁ. ରାମପୁର ବ୍ଲକ ସଭାପତି ଅଜିତ କୁମାର ନାୟକ, ଭବାନୀପାଟଣା ବ୍ଲକ ସଭାପତି ପ୍ରଦ୍ୟୁମ୍ନ ହୋତା, ଜିଲା ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପଧାନ, କର୍ଲାମୁଣ୍ଡା ବ୍ଲକ ସମ୍ପାଦକ ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ନୂତନ ପେନସନ ନୀତିକୁ ଉଚ୍ଛେଦ ଓ ପୁରାତନ ପେନସନ ପ୍ରଚଳନ ପାଇଁ ଏକଜୁଟ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ବ୍ଲକସ୍ତରୀୟ କ୍ରିୟାନୁଷ୍ଠାନ କମିଟିରେ ମାଧମିକ ଶିକ୍ଷା ବିଭାଗରୁ ସଭାପତି ଭାବେ ସୁରଜିତ ରଣା, ପ୍ରାଥମିକ ଶିକ୍ଷା ବିଭାଗରୁ ସମ୍ପାଦକ ଭାବେ ଉଜ୍ଜ୍ୱଳ କୁମାର ସାହୁ, ସ୍ୱାସ୍ଥ୍ୟରୁ ଉପସଭାନେତ୍ରୀ ଭାବେ ଶୁଭଶ୍ରୀ କାନୁନଗୋ, ପଞ୍ଚାୟତିରାଜରୁ ଉପସଭାପତି ଭାବେ ପ୍ରଦୀପ କୁମାର ମାଝି ମନୋନୀତ ହୋଇଛନ୍ତି। ସେହିପରି ଗୃହ ବିଭାଗରୁ ଉପସଭାପତି ଭାବେ ପୂର୍ଣ୍ଣ ଚନ୍ଦ୍ର ସାହୁ, ସ୍ୱାସ୍ଥ୍ୟ ବିଭାଗରୁ ସହ ସମ୍ପାଦକ ଭାବେ ବିମଳ ସାହୁ, ଅଗ୍ନିଶମରୁ ସହସମ୍ପାଦକ ପ୍ରଣବ ପ୍ରକାଶ ନାଏକ, ପ୍ରାଣୀ ସମ୍ପଦରୁ ସହସମ୍ପାଦକ ସନ୍ତୋଷ ମାଝି, ଶିକ୍ଷା ବିଭାଗରୁ କୋଷାଧକ୍ଷ ଭାବେ ମନୋଜ କୁମାର ମିଶ୍ର, କୃଷି ବିଭାଗରୁ କାର୍ଯ୍ୟକାରୀ ସଭାପତି ପୀତାମ୍ବର ମାଝି, ରାଜସ୍ୱ ବିଭାଗରୁ ସଙ୍ଗଠନ ସମ୍ପାଦକ ମୋହନ ପଧାନ, ମେଡିଆ ସମ୍ପାଦକ ପ୍ରସନ୍ନ କୁମାର ସାହୁ ଓ ସୌଭାଗ କୁମାର ସାହୁ, ଉପଦେଷ୍ଟା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରୋହିତ କୁମାର ରଣା, ସମ୍ପାଦକ ସୁଦର୍ଶନ ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ସଭା ଉଜ୍ଜଳ କୁମାର ସାହୁ ସଂଯୋଜନା ଏବଂ କାଶିନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶାରଦୀୟ ଦୁର୍ଗାପୂଜା ପାଇଁ କଳସଯାତ୍ରା

**ପଲମ,୨୬।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ନର୍ଲାରୋଡ ପଞ୍ଚାୟତସ୍ଥିତ ନର୍ଲାରୋଡର ବହୁ ପ୍ରସିଦ୍ଧ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି। ରବିବାର ଅମାବାସ୍ୟା ତିଥିରେ ଅପରାହ୍ନ ୫ଟାରେ ସର୍ଗିଗୁଡା ସାନ୍ଦୁଲନ୍ଦୀ ପୀଠରୁ ଜଳ ନେଇ କଳସଯାତ୍ରା ହୋଇଥିଲା। କମିଟି ସଭାପତି ହମେଶ କୁମାର ଜୈନ ରୀତିନୀତ ଅନୁଯାୟୀ ନଈପୀଠରୁ ପୂଜାପାଠ ହୋଇ କଳସ ବରଣ କରାଯାଇଥିଲା। ଚଳିତବର୍ଷ ପୂଜାକର୍ତ୍ତା ଭାବେ ଜହରଲାଲ ବିଶ୍ୱାଳ ଓ ତାଙ୍କ ସହଧର୍ମୀଣୀ ପୂଜା କାର୍ଯ୍ୟ କରିବା ଜଣାପଡିଛି। ଘଣ୍ଟ, କିର୍ତ୍ତନ ବାଦ୍ୟ ସହ ଏକ ଶୋଭାଯାତ୍ରାରେ ନର୍ଲାରୋଡ ଦୁର୍ଗା ମଣ୍ଡପ କଳସଯାତ୍ରା ହୋଇଯାଇଛି। କଳସ ସ୍ଥାପନ ପରେ ମା' ଦୁର୍ଗାଙ୍କ ଅଧିବାସ ଓ ବେଲବରଣ ପର୍ବ ଅନୁଷ୍ଠିତ ହୋଇଥିଲା। କଳସଯାତ୍ରା ସମୟରେ ପୂଜା ପରିଚାଳନା କମିଟି ସଭାପତି ହମେଶ କୁମାର ଜୈନ, ସାଧାରଣ ସମ୍ପାଦକ ବିମଳ କୁମାର କେଡିଆ, କୋଷାଧକ୍ଷ ବାବୁଲା ରାଉତ, ରାଜା ପରିଡା ପ୍ରମୁଖ କମିଟି ବରିଷ୍ଠ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଦୁର୍ଗାପୂଜା ଉପଲକ୍ଷେ ଆୟୋଜିତ କଳସ ଶୋଭଯାତ୍ରା।

# ଏଏନ୍‌ଏମ୍‌ଙ୍କ ବଦଳି ପାଇଁ ସିଡିଏମ୍‌ଓଙ୍କୁ ଫେରାଦ

**ନୂଆପଡ଼ା ଅଫିସ,୨୬।୯**

ନୂଆପଡା ଜିଲା ବୋଡେନ ବ୍ଲକ କର୍ଲାକୋଟ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ କାର୍ଯ୍ୟରତ ଏଏନ୍‌ଏମ୍‌ଙ୍କୁ ବଦଳି ପାଇଁ ଆଶାକର୍ମୀମାନେ ସୋମବାର ନୂଆପଡା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡା. ଚୌଧୁରୀ ସୋଭାରାଣି ମିଶ୍ରଙ୍କୁ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଏନ୍‌ଏମ ବିଦେଶିନୀ ବିଶ୍ୱାଳ ୩ ବର୍ଷ ହେବ କର୍ଲାକୋଟ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ କାର୍ଯ୍ୟ କରି ଆସୁଛନ୍ତି। ଆଶାକର୍ମୀମାନେ ଗର୍ଭବତୀମାନଙ୍କୁ ପ୍ରସୁତି ପାଇଁ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ନେଲେ ଆମକୁ ବାହାର କରି ଦଉେଛନ୍ତି। ଆମେ ବାହାରକୁ ନ ବାହାରି ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପ୍ରସୁତି ମା' ପାଖରେ ରହିଲେ ଅସଭ୍ୟ ଭାଷାରେ ଗାଳି କରୁଥିବା ଅଭିଯୋଗ କରିଛନ୍ତି। ପ୍ରସୁତି ମହିଳାମାନଙ୍କୁ ୪/୫ ହଜାର ଟଙ୍କା ଡିମାଣ୍ଡ କରାଯାଉଛି ନ ଦେଲେ ସେମାନଙ୍କୁ ହଇରାଣ କରାଯାଉଛି। ଆଶାକର୍ମୀମାନେ ପାଉଥିବା ପାରିଶ୍ରମିକ ଭତ୍ତା ରିପୋର୍ଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଠିକ ଭାବେ ପଠାଉ ନ ଥିବାରୁ ଆମେ ଉଚିତ ସମୟରେ ପାଉଣା ପାଉନାହୁଁ। ଏହି ସବୁ ବିଷୟ ଅବଗତି ପାଇଁ ବୋଡେନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡା.ସଞ୍ଜିବ କୁମାର ନାୟକଙ୍କୁ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ୧୩ ଦିନ ପରେ ମୋ ଦ୍ୱାରା ସମାଧାନ ହୋଇ ପାରିବନାହିଁ ବୋଲି ଆଶାକର୍ମୀଙ୍କୁ ଡାକ୍ତର ନାୟକ ଜଣାଇଥିଲେ। କର୍ଲାକୋଟ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଆଶାକର୍ମୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମିଶ୍ରଙ୍କୁ ସାକ୍ଷାତ କରି ସବୁ ଦାବି ଜଣାଇଛନ୍ତି। ଚିକିତ୍ସା ଅଧିକାରୀ ୧୫ ଦିନ ଭିତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଆଶା କର୍ମୀମାନେ କହିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ହେମାକାନ୍ତ ସାଏ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ପ୍ରେରଣ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପୁଷ୍ପାଞ୍ଜଳି ଦୁବେ, ରଶ୍ମିତା ଦୁବେ, ସିନ୍ଧୁକା ସୁନାନୀ, ସାମନି ମଣ୍ଡଳ ଲୁହାର, ଲଳିତା ଦୁରିଆ, ପିର ମଞ୍ଜୁରୀ ମାଝି, ମାଳତୀ ମାଝି, ଜୟନ୍ତି ଦୁରିଆ, ବୈଦେହୀ ଜଗତ, ଡାଳିମ୍ବ ବେହେରା, କୁନ୍ତଳା ନାଗ ପ୍ରମୁଖ ଆଶାକର୍ମୀ ଉପସ୍ଥିତ ଥିଲେ।


ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ଦେଇ ଆଶାକର୍ମୀମାନେ ଫେରୁଛନ୍ତି।

## ସଂକ୍ଷେପରେ

### ମାଛ ଧରିବାକୁ ଯାଇ ଯୁବକ ନିଖୋଜ

**ପାଇକମାଲ, ୨୬।୯ ( ଡି.ଏନ.ଏ.):** ବରଗଡ ଜିଲା ଜିଲା ପାଇକମାଲ ଥାନା ଅନ୍ତର୍ଗତ ପାଇକମାଲ କଣ୍ଟାପଡାର ମହମ୍ମଦ ମୁସ୍ତାକ ନାମକ ଜଣେ ବ୍ୟକ୍ତି ରବିବାର ନିକଟସ୍ଥ ଖଣ୍ଡିଝରଣ ଡ୍ୟାମକୁ ମାଛ ଧରିବା ପାଇଁ ଯାଇ ନିଖୋଜ ହୋଇ ଯାଇଛନ୍ତି। ରାତି ଆଠଟା ସୁଦ୍ଧା ଘରକୁ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ ସୋମବାର ଡ୍ୟାମରେ ଖୋଜାଖୋଜି କରିଥିଲେ। ଡଗସ୍କ୍ୱାଡ ଆଖପାଖରେ ଖୋଜା ଖୋଜି କରିଥିଲେ ହେଁ ମୁସ୍ତାକଙ୍କର ପତ୍ତା ମିଳିନାହିଁ। ତେବେ ଡ୍ୟାମ ପାଖରୁ ଏକ ମୋବାଇଲ ଫୋନ, ଚପଲ ଓ କିଛି କପଡ଼ା ଉଦ୍ଧାର ହୋଇଛି। ନିଖୋଜ ମୁସ୍ତାକ ଜଣେ ଟାଇଲ ମିସ୍ତ୍ରି ଭାବେ ଚେନ୍ନାଇରେ କାମ କରୁଥିଲେ। କିଛିଦିନ ପୂର୍ବରୁ ସେ ପାଇକମାଲ ଆସିଥିଲେ। ପୋଲିସ ମୁସ୍ତାକଙ୍କୁ ଠାବ କରିବା ପାଇଁ ଚେଷ୍ଟା ଚଳାଇଛି ବୋଲି ଥାନା ଅଧିକାରୀ ବିଶ୍ୱଜିତ ମନବୋଧ କହିଛନ୍ତି।

### ଆର୍ଯ୍ୟସମାଜ ସୁବର୍ଣ୍ଣପୁର, ବୌଦ୍ଧ ଜିଲା ପ୍ରତିନିଧିଙ୍କ ବୈଠକ

**ସୋନପୁର,୨୬।୯(ନି. ପ୍ର ):** ପଶ୍ଚିମ ଓଡ଼ିଶା ଆର୍ଯ୍ୟ ପ୍ରତିନିଧି ସଭାର ଆହ୍ୱାନ କ୍ରମେ ସୋନପୁର ସହର ପଟାଭାଡିସ୍ଥିତ ଦୟାନନ୍ଦ ପ୍ଲେ ସ୍କୁଲରେ ଆର୍ଯ୍ୟସମାଜ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା ପ୍ରତିନିଧିଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ବୃହସ୍ପତିଜୀଙ୍କ ସଭାପତିତ୍ୱ ଓ ଧନୁର୍ଦ୍ଧର ମହାପାତ୍ରଙ୍କ ସଞ୍ଚାଳନରେ ଅନୁଷ୍ଠିତ ବୈଠକରେ ଶିବ ପ୍ରସାଦ ପାତ୍ର ସ୍ୱାଗତ ଭାଷଣ ଓ ରବୀନ୍ଦ୍ର ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ପଣ୍ଡିତ କୃଷ୍ଣଦେବ ଶାସ୍ତ୍ରୀ, ପଣ୍ଡିତ କବୀନ୍ଦ୍ର, ରମେଶ ଭୋଇ, ରାଜ କୁମାର ବରାଡ, ରାମଚନ୍ଦ୍ର ବିଶ୍ୱାଳ ଓ ପଣ୍ଡିତ ପବିତ୍ରଙ୍କ ସମେତ ଶତାଧିକ ଆର୍ଯ୍ୟସମାଜର କାର୍ଯ୍ୟକର୍ତ୍ତା ସାଙ୍ଗଠନିକ ଚର୍ଚ୍ଚା ଆଲୋଚନା କରିଥିଲେ। ସୁବର୍ଣ୍ଣପୁର ଜିଲା କମିଟି ସଭାପତି ଭାବେ ନିରଞ୍ଜନ ସାହୁ, ସମ୍ପାଦକ ଲଳିତ ମେହେର ଓ ବୌଦ୍ଧ ଜିଲା ସଭାପତି ଭାବେ ଦୀନବନ୍ଧୁ ବାନପ୍ରସ୍ଥିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ପଦ୍ମପୁର, ୨୬।୯(ଡି.ଏନ.ଏ.):** ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ



ପ୍ରଧାନଶିକ୍ଷକ ସୀତାକାନ୍ତ ଭୋଇଙ୍କ ରବିବାର ବରଗଡ଼ ଜିଲା ପଦ୍ମପୁର କନସିଂହାସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ଅସୁସ୍ଥତା କାରଣରୁ ସେ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଥିଲେ। ପଦ୍ମପୁର ବଡ଼ପଡାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ନେବା ପରେ ସ୍ୱର୍ଗତ ଭୋଇ ଉକ୍ତ ଶିକ୍ଷାନୁଷ୍ଠାନକୁ ଏକ ସମ୍ମାନଜନକ ସ୍କୁଲ ଭାବରେ ଗଢି ତୋଳିଥିଲେ। ୧୯୯୩ ମସିହାରେ ଶ୍ରେଷ୍ଠ ଶିକ୍ଷକ ଭାବେ ସେ ରାଜ୍ୟପାଳ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୧୦ମସିହାରେ ସେ ଅବସର ନେବା ପରେ ପୈତୃକ ଗ୍ରାମ କନସିଂହାରେ ରହୁଥିଲେ। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସୋମବାର କନସିଂହାଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ତ୍ରୁଟିନି ବିଭ୍ରାଟ, ବଢୁଛି ଅସନ୍ତୋଷ

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇଛି। ବୀମା ବିଭ୍ରାଟ ଯୋଗୁ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲାର ଅନେକ ଯୋଗ୍ୟ ଚାଷୀ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ସୋମବାର ଜିଲାର ଘୁମୁନିପାଲି, ବିରିପାଲି, ବଡ଼ ବାଉସେନ ଆଦି ଗ୍ରାମର କ୍ଷତିଗ୍ରସ୍ତ ଚାଷୀ ଜିଲାପାଳ ଏବଂ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କୁ ସ୍ମାରକପତ୍ର ପ୍ରଦାନ ସହିତ ବୀମା କ୍ଷତିପୂରଣ ସହାୟତା ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି ।

୨୦୨୧ ମସିହାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାରେ ଖରିଫ ଫସଲ ଉଜୁଡ଼ି



ଜିଲାପାଳଙ୍କୁ ଫେରାଦ ହୋଇଥିବା ଘୁମୁନିପାଲି, ବିରିପାଲି ଗ୍ରାମର ଚାଷୀବୃନ୍ଦ ।

**ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା**

ଯାଇଥିଲା। ଚାଷକାର୍ଯ୍ୟ ପୂର୍ବରୁ ବୀମା ପ୍ରିମିୟମ ରାଶି ଭରିଥିଲେ ସୁଦ୍ଧା ଫସଲକ୍ଷତି ପରେ ଅନେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ କେତେକ ଲୋକେ ବୀମା ଆଶାରେ ଜମି ଜାଲିଆତି କରିଥିବା ଯୋଗୁ ପ୍ରକୃତ ଚାଷୀ ବୀମା ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ବିରିପାଲି ଗ୍ରାମର ଚାଷୀ ଗୋବିନ୍ଦ ଅଦାବର କହିଛନ୍ତି, ସେ ୯ ଏକର ଚାଷ କରିଥିଲେ ଏବଂ ସବୁ ଫସଲ ଉଜୁଡ଼ି ଯାଇଥିଲା। ତେବେ ତାଙ୍କ ପୁଅ ରକ୍ମଣଙ୍କ ନାମରେ ରହିଥିବା ୨ଏକର ୭ଡିସିମିଲ ଜମିର ବୀମା କ୍ଷତିପୂରଣ ସେ ପାଇଛନ୍ତି। ମାତ୍ର ବାକି ୭ଏକର ଜମିରେ ଅନ୍ୟ କେହି ବୀମା ପ୍ରିମିୟମ ଭରି ଦେଇଥିବା ଯୋଗୁ ସେ ବୀମା କ୍ଷତିପୂରଣ ସହାୟତାରୁ ବଞ୍ଚିତ ରହିଥିବା କହିଛନ୍ତି।

ବଡ଼ ବାଉଁସେନ ଗ୍ରାମର ଚାଷୀମାନେ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ଫସଲକ୍ଷତି ଅନୁପାତରେ ବୀମା କ୍ଷତିପୂରଣ ସହାୟତା ମିଳି ନଥିବା କ୍ଷତିଗ୍ରସ୍ତ ଚାଷୀମାନେ କହିଛନ୍ତି। ଏପରିକି ଏହି ବୀମା ସହାୟତା ପ୍ରଦାନରେ ଜାଲିଆତି ହୋଇଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଧିକ ଫସଲକ୍ଷତି ହୋଇଥିବାବେଳେ କମ୍ ବୀମା କ୍ଷତିପୂରଣ ମିଳିଛି। ଅନ୍ୟପକ୍ଷେ ସେମାନଙ୍କ ପ୍ରାପ୍ୟ ବୀମା କ୍ଷତିପୂରଣ ସହାୟତାକୁ କାଟି ଅନ୍ୟ ଲୋକେ ଉଠାଇଥିବା ଭଳି ଗୁରୁତର ଅଭିଯୋଗ କରିଛନ୍ତି। ଏଥିରେ ବିଭାଗୀୟ କର୍ମଚାରୀଙ୍କ ଭୂମିକାକୁ ସନ୍ଦେହ କରି ଏହାର ବିଧିବଦ୍ଧ ତଦନ୍ତ କରିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଜିଲାପାଳଙ୍କଠାରେ ଦାବି କରିଛନ୍ତି ।

### ନବରାତ୍ର ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା

**ପାଇକମାଲ ୨୬ ।୯(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲରେ ସାର୍ବଜନୀନ ଦୁର୍ଗାପୂଜା ସୋମବାରରୁ ଦୁର୍ଗା ମଣ୍ଡପରେ ଆରମ୍ଭ ହୋଇଛି। ଏହିଦିନ ପାଇକମାଲ ଶିବ ମନ୍ଦିର ନିକଟ ଝରଣାରୁ ଶତାଧିକ ମହିଳା ଓ ପୁରୁଷ କଳସରେ ପବିତ୍ର ଜଳ ଆଣି ଦୁର୍ଗା ମଣ୍ଡପରେ ସ୍ଥାପନ କରିଥିଲେ। ଚଳିତ ବର୍ଷ ଏହି ଦୁର୍ଗାପୂଜା ୧୭ ବର୍ଷରେ ପଦାର୍ପଣ କରୁଛି। ଚଳିତ ବର୍ଷ ପୂଜା କମିଟି ତରଫରୁ ପୂଜାକୁ ଆକର୍ଷଣୀୟ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କର୍ତ୍ତାଭାବେ ମୁକେଶ ରଥ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତ୍ୟେକ ରାତିରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣର ବ୍ୟବସ୍ଥା କରାଯାଇଛି। ୩ ତାରିଖରେ ଭାଇ ଜିଉଁନ୍ତିଆ ଓଷା, ୪ ତାରିଖ ରେ ବିନ୍ଧ୍ୟବାସିନୀ ପୀଠକୁ ଆଗମନ ଓ ରାତ୍ରିରେ କୃଷ୍ଣାଣ୍ଡବଳୀ, ୫ ତାରିଖରେ ବିଜୟା ଦଶମୀ ଓ ରାବଣ ପୋଡି, ୬ ତାରିଖ ଭସାଣି ଯାତ୍ରା ଅନୁଷ୍ଠିତ ହେବ। ପାଇକମାଲ ହାଇସ୍କୁଲ ପଡିଆରେ ରାବଣ ପୋଡି ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ସୁଶାନ୍ତ ନାଗ ସୂଚନା ଦେଇଛନ୍ତି ।

## ସ୍କୁଲ କାର୍ଯ୍ୟକ୍ଷମ ନହେଲେ ଅନଶନ

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବସେଇକେଲା ପ୍ରାଥମିକ ସ୍କୁଲକୁ ସରକାରୀଭାବେ ବନ୍ଦ କରାଯାଇ ନିକଟସ୍ଥ ନନ୍ଦିନୀପୁର ପ୍ରାଥମିକ ସ୍କୁଲ ସହିତ ମିଶ୍ରଣ କରାଯାଇଛି। ଏହାକୁ ନେଇ ବସେଇକେଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବଭଳି ବସେଇକେଲା ପ୍ରାଥମିକ ସ୍କୁଲକୁ କାର୍ଯ୍ୟକ୍ଷମ ତଥା ସରକାରୀଭାବେ ଖୋଲା ରଖିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହା କରା ନଗଲେ ଗ୍ରାମବାସୀ ଜିଲାପାଳ ଅଫିସ ଆଗରେ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି। ସୋମବାର ଗ୍ରାମବାସୀ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବସେଇକେଲା ପ୍ରାଥମିକ ସ୍କୁଲରେ ୩୭ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଅନ୍ୟ



ସ୍କୁଲ ଖୋଲାଯିବା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଅଭିଭାବକବୃନ୍ଦ।

ସ୍କୁଲ ସହିତ ଉକ୍ତ ସ୍କୁଲକୁ ସ୍ଥାନାନ୍ତରଣ କରାଯାଇଛି । ହେଲେ ଛାତ୍ରୀଛାତ୍ର ସେହି ସ୍କୁଲକୁ ନ ଯାଇ ବସେଇକେଲା ପ୍ରାଥମିକ ସ୍କୁଲରେ ପାଠ ପଢୁଛନ୍ତି । ଗ୍ରାମବାସୀ ନିଜ ଉଦ୍ୟମରେ ଛାତ୍ରୀଛାତ୍ରଙ୍କୁ ନିଜ ଉଦ୍ୟମରେ ମଧ୍ୟାହ୍ନଭୋଜନ ଦେଉଛନ୍ତି। ଏ ନେଇ ଗତ ଜୁଲାଇ ମାସ ୨୫ତାରିଖ ଅଭିଭାବକମାନେ ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ଫେରାଦ ହୋଇ ସ୍କୁଲ ସ୍ଥାନାନ୍ତରଣ କରା ନ ଯାଇ ପୂର୍ବଭଳି ଖୋଲା ରଖିବାକୁ ନିବେଦନ କରିଥିଲେ। ମାତ୍ର କିଛି ପଦକ୍ଷେପ ନିଆଯାଇ ନଥିବା ଯୋଗୁ ଅଭିଭାବକମାନେ ପୁଣି ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଫେରାଦ ହୋଇ ଅନଶନ ଚେତାବନୀ ଦେଇଛନ୍ତି। ସିଦ୍ଧେଶ୍ୱର ପାଣିଗ୍ରାହୀ, ମୀନକେତନ ମେସୁଆ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସକୁ ଆସିଥିଲେ।

### ପାଇକମାଲରେ ଅଗ୍ରସେନ ଜୟନ୍ତୀ

**ପାଇକମାଲ, ୨୬।୯(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ମାରୱାଡି ସମାଜ ତରଫରୁ ଅଗ୍ରସେନ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି । ଏହି ଅବସରରେ ସମାଜ ପକ୍ଷରୁ ଦୁଇଦିନ ଧରି ସମାଜର ମା ଭାଇ ଭଉଣୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା। ନୃସିଂହନାଥ ଧର୍ମଶାଳାରେ ଅନୁଷ୍ଠିତ ସଭାରେ ଅନିଲ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରାୟପୁର ଲାୟନ୍ସ ଗୋବିନ୍ଦ ଅଗ୍ରୱାଲ, ମୁଖ୍ୟବକ୍ତା ଦୀପକ ଲଖମନିଆ ଯୋଗ ଦେଇଥିଲେ। ଗୋବର୍ଦ୍ଧନ ଅଗ୍ରୱାଲ, କିଶନ ଅଗ୍ରୱାଲ, ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସବିତା ଜିନ୍ଦଲ, ସୋନି ଗୁପ୍ତା, ଅମନ ଜିନ୍ଦଲ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନିଲେଶ ଅଗ୍ରୱାଲ ମଞ୍ଚ ପରିଚାଳାନା କରଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ମାରୱାଡି ଯୁବମଞ୍ଚ ତରଫରୁ ମୃତଦେହ ରଖିବା ପାଇଁ ଏକ ଫ୍ରିଜର ଧର୍ମଶାଳାକୁ ଦାନ କରାଯାଇଛି ।

## ଶିକ୍ଷକ ଦାବି, ଜିଲାପାଳଙ୍କୁ ଫେରାଦ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଅଭିଭାବକବୃନ୍ଦ ।

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲା ଛୁରିଆପାଲି ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏଥିଯୋଗୁ ଶିକ୍ଷାଦାନ ବ୍ୟାହତ ହୋଇଛି। ଏଭଳି ଅଭିଯୋଗ ନେଇ ସୋମବାର ଅଭିଭାବକମାନେ ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପଙ୍କୁ ସ୍ମାରକପତ୍ର ପ୍ରଦାନ କରି ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଛୁରିଆପାଲି ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୧୯୮୪ ମସିହାରୁ ଗଢ଼ି ଉଠିଛି। ଅଞ୍ଚଳର ଛାତ୍ରୀଛାତ୍ର ଉକ୍ତ ବିଦ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ଉକ୍ତ ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଦେବା ବଦଳରେ ବର୍ଷକୁ ବର୍ଷ ଏଠାରେ ଅବସ୍ଥାପିତ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଉଥିବା ଅଭିଯୋଗ ହୋଇଛି । ୨୦୧୪ ମେ, ୨୦୧୯ ଜୁନ୍ ଏବଂ ଚଳିତବର୍ଷ ଜୁନରେ ଗୋଟିଏ ଲେଖାଏ ଅର୍ଥାତ୍ ସମୁଦାୟ ୩ଜଣ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଇଥିବା ଗ୍ରାମବାସୀ କହିଛନ୍ତି। ରଘୁନାଥ ସାହୁ, ରାଜେନ୍ଦ୍ର କୁମ୍ଭାର, ଯୁଗଳ କିଶୋର ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

## ନାଟ୍ୟସଂଘର ପ୍ରତିଷ୍ଠା ଦିବସରେ ଶୋଭାଯାତ୍ରା




ଓଡ଼ିଶା ନାଟ୍ୟସଂଘର ପ୍ରତିଷ୍ଠା ଦିବସରେ ଶୋଭାଯାତ୍ରା।

**ବରଗଡ଼ ଅଫିସ୍, ୨୬।୯**

ବରଗଡ଼ରେ ସୋମବାର ଓଡ଼ିଶା ନାଟ୍ୟ ସଂଘ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ସଂଘର ବରଗଡ଼ ଜିଲା ସଂଯୋଜକ ଅଶୋକ ବେହେରାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସୌଖୀନ ରଙ୍ଗମଞ୍ଚରୁ ଗାନ୍ଧୀଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ପ୍ରଭାସ ମହଲା, ସଞ୍ଜୟ ବେହେରା, କେତନ ବଗାର, ଧିରେନ ଭୋଇ, ସମୀର ସରାପ୍, ବିଶାଳ ନାଗ, ତୀର୍ଥ କୁଦେଇ, ରିତେଶ ପଧାନ, ଦୁର୍ଯ୍ୟ ପ୍ରଧାନ, ଅକ୍ଷୟ ପଣ୍ଡା, ରାହୁଲ ଭୁଏ, ସୁରଜ ପାତ୍ର, ଚନ୍ଦନ ଜାଲ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଲୋକକଳା, ନୃତ୍ୟ, ଗୀତକୁ ଉଦଜୀବିତ ରଖିବାରେ କଳାକାରଙ୍କ ଭୂମିକା ପ୍ରଶଂସନୀୟ ହୋଇଥିବାବେଳେ କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ନାଟକ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନର ଆଭିମୁଖ୍ୟ ନେଇ ନାଟକକୁ ଆହୁରି ଲୋକାଭିମୁଖୀ କରିବାକୁ ଆଲୋଚନା କରାଯାଇଥିଲା।

### ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର

**ପଦ୍ମପୁର, ୨୬।୯(ଡି.ଏନ.ଏ.)**



ଅତିଥିମାନେ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ମହାରାଜା ଅଗ୍ରସେନ ଜୟନ୍ତୀ ଅବସରରେ ବରଗଡ଼ ଜିଲା ପଦ୍ମପୁର ମାରୱାଡି ସମାଜ ତରଫରୁ ସ୍ଥାନୀୟ ଶାସ୍ତ୍ରୀ ଧର୍ମଶାଳାରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଯଦୁମଣି ସାହୁ, ସମ୍ମାନିତ ଅତିଥି ତହସିଲଦାର ସଞ୍ଜନ ସେଠ ଯୋଗଦେଇଥିଲେ। ଶିବରରେ ୫୧ଜଣ ରକ୍ତଦାନ କରିଥିଲେ। ମାରୱାଡି ସମାଜ ସଭାପତି ଅମରଦୀପ ଅଗ୍ରୱାଲ, ସମ୍ପାଦକ ବଜରଙ୍ଗ ଗର୍ଗଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ। ପଦ୍ମପୁର ରକ୍ତ ଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

### ଚର୍ମରୋଗ ନିରାକରଣ ନେଇ ସଚେତନତା ଶିବିର

**ବିନିକା,୨୬ ।୯(ଡି. ଏନ. ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିୟର କଲେଜରେ ସୋମବାର ଚର୍ମରୋଗ ନିରାକରଣ ନେଇ ସଚେତନତା ଶିବିର ଅଧକ୍ଷା ରେଖା ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବରଗଡ ବିକାଶ ହସ୍ପିଟାଲର ଡା. ଇସ୍ମିତା ଦେବତା ଯୋଗଦେଇ ଚର୍ମରୋଗର ନିରାକରଣ ଉପରେ କହିଥିଲେ । ଅନ୍ୟମାନଙ୍କ ମଧରେ ଅଧାପକ ମନୋରଞ୍ଜନ ପଧାନ, ନିରଞ୍ଜନ ପାଣ୍ଡିଆ, ଗ୍ରନ୍ଥାଗାରିକ ଗରିବ ସାଲମାଙ୍କ ସମେତ କଲେଜର ସମସ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ ।

## କଳସ ଶୋଭାଯାତ୍ରାରୁ ଆରମ୍ଭ ହେଲା ସୋହେଲା ଦୁର୍ଗାପୂଜା

**ସୋହେଲା, ୨୬।୯(ଡି.ଏନ.ଏ.)**

ବରଗଡ ଜିଲା ସୋହେଲା ଥାନା ପରିସରରେ ଥିବା ବେଲଗଛ ପୂଜାର୍ଚ୍ଚନା କରି ଡାଳ ଅଣାଯାଇ ପୂଜାସ୍ଥଳରେ ସ୍ଥାପନ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ପୁର୍ନିବନ୍ଧରୁ ପୂର୍ଣ୍ଣ ଜଳ କଳସ ଅଣାଯାଇଥିଲା। ଘଣ୍ଟ, ଶଙ୍ଖ, ଦୁଲଦୁଲି, କୃଷ୍ଣଗୁରୁ ବାଦ୍ୟରେ ରାସ୍ତା ପ୍ରକମ୍ପିତ ହୋଇଉଠିଥିଲା। କର୍ତ୍ତା ଦିନେଶ ଠାକୁର ଏବଂ ଶଶିକାନ୍ତ ପାଣିଗ୍ରାହୀ ପବିତ୍ର କଳସ ଆଣିବା ସମୟରେ ପ୍ରତ୍ୟେକ ଘର ସମ୍ମୁଖ ରେ ଝୋଟି, ମୁରଜ ଦେଇ କଳସ ବସାଯାଇଥିଲା। ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ଉପସଭାପତି ମହମ୍ମଦ ରଫିକ, ସମ୍ପାଦକ ଦିଲ୍ଲୀପ ଖମାରୀମ୍ଙ୍କ ସହ ବରିଷ୍ଠ ସଦସ୍ୟ ନଥୁରାମ ଅଗ୍ରୱାଲ, ନରେନ ଠାକୁର, ଭଗବାନ ବାରିକ, ଟଙ୍କଧର ଝାଙ୍କର, ପ୍ରେମାନନ୍ଦ ଭୋଇ, ଯୁଗଳ ପଧାନ, ଜୟକୃଷ୍ଣ ସାହୁ, ଯୁଧିଷ୍ଠିର ନାୟକ, ବାସୁଦେବ ପରୁଆ, ଗିର୍ଜେଶ ମିଶ୍ର, ଥାନାଧିକାରୀ ହରିବନ୍ଧୁ ଗଡତିଆ, ହିମାଂଶୁ ସାହୁ, ପ୍ରୋମୋଦ ଦେବତା ପ୍ରମୁଖ ଯୋଗଦେଇଥିଲେ। କଳସ ଶୋଭାଯାତ୍ରା ପରେ ପୂଜା ଆରମ୍ଭ ହୋଇଥିଲା।




କଳସ ଶୋଭାଯାତ୍ରାରେ ମହିଳାମାନେ।

## ଇଣ୍ଡିଆ ଗେଟ୍ ସଦୃଶ ତୋରଣ ମୁଖ୍ୟ ଆକର୍ଷଣ

**ସୋନପୁର,୨୬।୯(ନି.ପ୍ର.)**

ସୁବର୍ଣ୍ଣପୁର ସହର ଟିକିରିପଡାରେ ୫୫ତମ ସାର୍ବଜନୀନ ଦୁର୍ଗା ପୂଜା ମହାସମାରୋହରେ ପାଳନ କରାଯିବ। ଏଥିପାଇଁ ପୂଜା କମିଟି କର୍ମକର୍ତ୍ତାମାନେ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ପ୍ରତିବର୍ଷ ନୂଆ ଢଙ୍ଗରେ ପୂଜା ପାଳନ କରି ଆସୁଥିବା ଟିକିରିପଡା ପୂଜା କମିଟି ଚଳିତବର୍ଷ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ତୋରଣର ମୁଖ୍ୟ ଗେଟ୍‌କୁ ଇଣ୍ଡିଆ ଗେଟ୍ ସଦୃଶ ନିର୍ମାଣ କରୁଛି। ସୁନ୍ଦର ମୂର୍ତ୍ତି ନିର୍ମାଣ ସହିତ ପୂଜାକୁ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି ଯୋଜନା କରିଛି। ଅକ୍ଟୋବର ୨ତାରିଖ ସପ୍ତମୀ ପୂଜାଠାରୁ ୫ ତାରିଖ ପର୍ଯ୍ୟନ୍ତ ମଣ୍ଡପରେ ପାରମ୍ପରିକ ରୀତିନୀତିରେ ମା' ଦୁର୍ଗାଙ୍କ ପୂଜା କରାଯିବ। ୬ ତାରିଖ ସନ୍ଧ୍ୟାରେ ଆୟୋଜିତ ଅର୍କେଷ୍ଟ୍ରାରେ ଟି.ସୌରୀ ଓ ଅମ୍ରିତା ନାୟକ ସଙ୍ଗୀତ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି । ୮ ତାରିଖ ଶନିବାର ସନ୍ଧ୍ୟାରେ ଭସାଣି ଉତ୍ସବକୁ ଆକର୍ଷଣୀୟ କରାଯିବ। ଗଙ୍ଗାଧର ମେହେର ଛକରେ ଲାଇଟ ଶୋ ପ୍ରଦର୍ଶନ ହେବ। ମା'ଙ୍କ ଭସାଣି ଯାତ୍ରାରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରିବେ। ସମ୍ବଲପୁରୀ ମେଲୋଡି, ପଞ୍ଜାବି ବାଜା, ସାନ୍ତାଳୀ ନୃତ୍ୟ ଦଳ, ହରିଆଣାର ଶିବ ତାଣ୍ଡବ ନୃତ୍ୟ ଓ କାଳୀ ମାତା ନୃତ୍ୟ ଏବଂ ସମ୍ବଲପୁରର ଘଣ୍ଟବାଦ୍ୟ ପରିବେଷଣ କରାଯିବ ବୋଲି ପୂଜା କମିଟି ସଭାପତି ପ୍ରାଣବନ୍ଧୁ ବାରିକ, ସମ୍ପାଦକ ନରସିଂହ ସେଠୀ, କୋଷାଧ୍ୟକ୍ଷ ସଞ୍ଜିବ ମଲ୍ଲିକ, ସଭ୍ୟ ପ୍ରଦୀପ ସେଠୀ, ସୂର୍ଯ୍ୟନାରାୟଣ ବାଗ, ଛନ୍ଦା ଚରଣ ମିଶ୍ର, ବାବୁଲୁ ଦଣ୍ଡସେନା, ବିପ୍ର ଦାଶ ଓ ଓ ଦୀନବନ୍ଧୁ ବଡେଇ ସୂଚନା ଦେଇଛନ୍ତି। ଚଳିତ ବର୍ଷ ୧୨ଲକ୍ଷ ଟଙ୍କାର ବଜେଟ ରଖାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ସହିତ ପୂଜା କମିଟି ପକ୍ଷରୁ ସମାଜସେବାମୂଳକ କାର୍ଯ୍ୟ କରାଯାଇଥାଏ। ଏହିକ୍ରମରେ ଗତ ଶନିବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସନ୍ଧ୍ୟାରେ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା।





## ସଂକ୍ଷେପରେ

### ଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଲହୁଣୀପଡ଼ା, ୨୬।୯(ଡି.ଏନ.ଏ.):** ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ରେଞ୍ଜଡା ଠାରୁ ରାଉରକେଲା ଫେରୁଥିବା ରାକେଶ ବସର ଚାଳକ ପବିତ୍ର ମୋହନ ମାହାନ୍ତ(୩୭)ରକ୍କି ନିକଟରେ ହଠାତ ଗୁରୁତର ହୋଇ ପଡିଥିଲେ। ତାଙ୍କୁ କେ. ବଲାଙ୍ଗ ଡାକ୍ତରଖାନାରେ ପହଞ୍ଚାଇ ଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ରାଉରକେଲାଠାରୁ ରେଞ୍ଜଡାକୁ ଯାଉଥିବା ଯାତ୍ରୀବାହୀ ବସର ଚାଳକ ପବିତ୍ର ସକାଳ ପ୍ରାୟ ୯ଟାରେ ସୁଇଡ଼ିହି ନିକଟରେ ଅସୁସ୍ଥତା ଅନୁଭବ କରିବାରୁ ଅନ୍ୟ ଏକ ଚାଳକକୁ ଡାକି ବସକୁ ଚଳେଇବା ପାଇଁ କହିବା ସହିତ ନିଜେ ବିଶ୍ରାମ କରିଥିଲେ। ବସ ରେଞ୍ଜଡାଠାରେ ପହଞ୍ଚି ପୁନର୍ବାର ଫେରୁଥିବାବେଳେ ରକ୍କି ନିକଟରେ ଗୁରୁତର ଅସୁସ୍ଥତା ଅନୁଭବ କରିବାରୁ ବସ କର୍ମଚାରୀମାନେ ତାଙ୍କୁ କେ.ବଲାଙ୍ଗ ଡାକ୍ତରଖାନାକୁ ନେଉଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କେ. ବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇବା ସହିତ ମୃତ ଚାଳକର ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ମୃତ ଚାଳକଙ୍କ ଘର ବିଶ୍ରା ଥାନା ଅନ୍ତର୍ଗତ ମହିପାଣି ଗ୍ରାମରେ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଘର ଭିତରେ ପଶି ଲୁଟ୍ ଅଭିଯୋଗରେ ୨ ଗିରଫ

**ରାଉରକେଲା ଅଫିସ,୨୬।୯:** ଘରେ ପଶି ଲୁଟ ଅଭିଯୋଗରେ ରଘୁନାଥପାଲି ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁନିଲ କୁମାର ଓଝା(୩୨) ଓ ବିକ୍ରମ କୁମାର ମହାନ୍ତି (୨୯)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଦୁଇଜଣ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲଟାଉନସିପ ଅଞ୍ଚଳରେ ଥିବା କ୍ୱାର୍ଟର୍ସ ନଂ. ଏନ୍‌ଏନ୍‌ଏନ୍-୧୩ରେ ସୁନିଲ ଓ ବିକ୍ରମ ଚଳିତ ମାସ ୨୪ ତାରିଖରେ ପଶି ଥିଲେ। ଉକ୍ତ ଘରେ ପଶି ସୁନିଲ ଓ ବିକ୍ରମ ଏକ ହୋଣ୍ଡାସାଇନ ବାଇକ୍ ନଂ. ଓଡି୧୪ଏକ୍ସ ୧୭୭୬ ସହ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଚୋରି କରି ଫେରାର୍ ହୋଇଯାଇଥିଲେ। ଏନେଇ ରଘୁନାଥପାଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ସୁନିଲକୁ ବାସନ୍ତୀ କଲୋନୀ ଆମ୍ବେଦକରନଗର ବସ୍ତିରୁ ଗିରଫ କରିଥିବାବେଳେ ବିକ୍ରମକୁ ଜଗଦା ଅଞ୍ଚଳରୁ ଗିରଫ କରିଥିଲା। ସେମାନଙ୍କ ଠାରୁ ପୋଲିସ ଚୋରି ହୋଇଥିବା ବାଇକ ସହ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଛି।

### ମାରୱାଡି ସମାଜ ପକ୍ଷରୁ ଅଗ୍ରସେନ ଜୟନ୍ତୀ ପାଳନ

**ସୁନ୍ଦରଗଡ଼,୨୬।୯(ଡି.ଏନ.ଏ.):** ମାରୱାଡି ସମାଜ ପକ୍ଷରୁ ଅଗ୍ରସେନ ଜୟନ୍ତୀ ପାଳନ କରାଯାଇଛି। ସୋମବାର ଏହି ଜୟନ୍ତୀ ଅବସରରେ ସୁନ୍ଦରଗଡ଼ ମାରୱାଡି ସମାଜ ସଭାପତି ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଶଙ୍କର ମ୍ୟାରେଜ ପ୍ୟାଲେସ ଠାରେ ସମାବେଶ ହୋଇଥିଲା। ଏହି ଅବସରରେ ମ୍ୟାରେଜ ପ୍ୟାଲେସଠାରୁ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିକାଶ ଅଗ୍ରୱାଲ, କହ୍ନେୟା ଅଗ୍ରୱାଲ, କୋଷାଧକ୍ଷ ଧୀରଜ ଅଗ୍ରୱାଲ, ମହିଳା ମୋର୍ଚ୍ଚା ତରଫରୁ ପାୟଲ, ମୋହିନୀ, ସାରିକା, ସୁଧା, ଶତୋ ପ୍ରମୁଖ ଯୋଗଦେଇଥିଲେ। ତିନି ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରସାଦ ବଣ୍ଟନ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଛି।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ: ସ୍ୱାମୀ ଗିରଫ

**ବଡ଼ଗାଁ, ୨୬।୯(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିମନାଭାଲୁମୁଣ୍ଡା ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗ କ୍ରମେ ରବିବାର ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ, ଟିମନା ଗ୍ରାମର ସୁରେନ୍ଦ୍ର କିଷାନ ଘଣ୍ଟବୁଡ ଗ୍ରାମର ସୁକାନ୍ତିଙ୍କୁ ବିବାହ କରିଛନ୍ତି। ଗତ ଫେବୃଆରୀ ମାସରେ ସୁରେନ୍ଦ୍ର ଅମାନୁଷିକ ଭାବେ ନିର୍ଯାତନା ଦେଇଥିଲେ। ଏହାର ଭିଡିଓ ଉତ୍ତୋଳନ କରି ତାଙ୍କ ରକ୍ଷିତାଙ୍କୁ ଦେଖାଇଥିଲେ। ଏପରିକି ସ୍ତ୍ରୀଙ୍କ ବେକରେ ରଶି ଲଗାଇ ବାଇକ୍‌ରେ ଘୋଷାଡି ନେଉଥିବା ଦୃଶ୍ୟର ଭିଡିଓ ଭାଇରାଲ କରିଥିଲେ। ଛୋଟ ପୁଅକୁ ମାଡ ମାରି ଗୋଡଭାଙ୍ଗି ଦେଇଥିଲେ। ଏ ସମ୍ପର୍କରେ ସୁକାନ୍ତି ଫେବୃଆରୀ ମାସରେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାର ଅଭିଯୁକ୍ତ ସ୍ୱାମୀ ସୁରେନ୍ଦ୍ର ଓ ତାଙ୍କ ରକ୍ଷିତାଙ୍କୁ ପୋଲିସ ୭ ମାସ ପରେ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି।

# ନାରୀ ସୁରକ୍ଷା ପାଇଁ ଦୁର୍ଗା

**ସୁନ୍ଦରଗଡ଼ ଜିଲା ପୋଲିସ ପକ୍ଷରୁ ନାରୀ ସୁରକ୍ଷା ଲାଗି ଅଭିନବ ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ**

**ସୁନ୍ଦରଗଡ଼, ୨୬।୯ (ଡି.ଏନ୍.ଏ)**

ଶାରଦୀୟ ଦୁର୍ଗାପୂଜା ଓ ଅନ୍ତର୍ଜାତୀୟ କନ୍ୟା ଦିବସ ଅବସରରେ ସୁନ୍ଦରଗଡ ଜିଲା ପୋଲିସ ବିଭାଗ ପକ୍ଷରୁ ସଶକ୍ତ ସୁନ୍ଦରଗଡ, ସୁରକ୍ଷିତ ସୁନ୍ଦରଗଡ –ଦୁର୍ଗା ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ଭବାନୀ ଭବନ ପଡିଆଠାରେ ସୋମବାର ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ଏହି ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ନାରୀମାନଙ୍କ ପ୍ରତି ହେଉଥିବା ବିଭିନ୍ନ ପ୍ରକାର ଉତ୍ପୀଡନ, ଅଶୋଭନୀୟ ଆଚରଣ, ଅଶ୍ଳିଳ ଡିଓଭାଇରାଲ ମାମଲାରେ ଯୁବତୀ ଓ ଛାତ୍ରୀମାନଙ୍କୁ ତତ୍କାଳ ପୋଲିସ ସହାୟତା କରାଯାଇପାରିବ। ଏଥି ନିମନ୍ତେ ଜିଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ନାରୀ ହେଲପ ଲାଇନ୍‌ର ୯୪୩୮୯୧୫୮୫୪ ଶୁଭାରମ୍ଭ କରାଯାଇଛି। ଏହି ହେଲପ ଲାଇନ ଅହୋରାତ୍ର କାମ କରିବ। ଏହି ଅବସରରେ ସୁନ୍ଦରଗଡ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଅଷ୍ଟମରୁ ଦଶମ ଶ୍ରେଣୀ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ନିମନ୍ତେ ୨ଦିନିଆଁ ଶିବିର ଅନୁଷ୍ଠିତ ହେଉଛି। ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଓଡିଆ ସିନେତାରକା ଅର୍ଚ୍ଚିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉଦ୍‌ଘାଟନୀ ସମାରୋହରେ ରାଜଗାଙ୍ଗପୁର, ବୀରମିତ୍ରପୁର ଓ ସୁନ୍ଦରଗଡ଼ ସଦର ଏସଡିପିଓ ଓ ବିଭିନ୍ନ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରର ଦ୍ୱିତୀୟ ଦିବସରେ ମଙ୍ଗଳବାର ସ୍ୱତନ୍ତ୍ର ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରହିଛି।



ଦୁର୍ଗା ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅତିଥି।

## ଓଡ଼ିଶା ନାଟ୍ୟ ସଂଘର ୩୫ତମ ବାର୍ଷିକ ଉତ୍ସବ

**ଦେବଗଡ଼,୨୬।୯(ଡି.ଏନ.ଏ)**



ଓଡିଶା ନାଟ୍ୟ ସଂଘ, ଜିଲା ସଂସ୍କୃତି ପରିଷଦ, ଦେବଗଡ ଏବଂ ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ'ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୋପାଳଜୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ସୋମବାର ଓଡିଶା ନାଟ୍ୟସଂଘର ୩୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଓଡିଶା ନାଟ୍ୟ ସଂଘର ଜିଲା ସଂଯୋଜକ ସୁଜିତ କୁମାର ପାତ୍ରଙ୍କ ସଂଯୋଜନା ଓ ଅଧ୍ୟାପକ ଚିତ୍ତରଂଜନ ଦାସଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଂଜରୀ ଦେଈ ଓ ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ମନୋରଂଜନ ସୂତାର ଯୋଗ ଦେଇଥିଲେ। ଏହି ଅବସରରେ 'ବର୍ତ୍ତମାନ ପରିସ୍ଥିତିରେ ନାଟକର ସ୍ଥିତି'ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନାଟ୍ୟକାର ଅତୁଲ୍ୟ କୁମାର ପୂଜାରୀ, ମାର୍କଣ୍ଡେଶ୍ୱର ଶତପଥି, ହେମନ୍ତ କୁମାର ମହାପାତ୍ର, ଦିଲ୍ଲୀପ କୁମାର ଗୁରୁ, ମନୋଜ କୁମାର ପାଢୀ, ପ୍ରଫୁଲ୍ଲ କୁମାର ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ଶରତ ଚନ୍ଦ୍ର ମେହେର, ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ମହାରାଣା, ସୁଧିର କୁମାର ଦ୍ୱିବେଦୀ, ସୁମିତ୍ରା ପୁରୋହିତ, ନିରଂଜନ ଦ୍ୱିବେଦୀ ଓ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରି ଆଲୋଚ୍ୟ ବିଷୟବସ୍ତୁ ଉପରେ ନିଜର ମତାମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶ କୁମାର ଦେବତା, ରାକେଶ କୁମାର ଶତପଥି, ମଙ୍ଗଳ ମହାଙ୍କୁର, ପିଙ୍କୁ ଝାଙ୍କର ଓ ଶ୍ରବଣ କୁମାର ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ପ୍ରସିଦ୍ଧ ମା' କନ୍ତଦେବୀଙ୍କ ପରିକ୍ରମା ଆରମ୍ଭ

**ଲହୁଣୀପଡ଼ା,୨୬।୯(ଡି.ଏନ.ଏ.)**

ପ୍ରସିଦ୍ଧ ମା' କନ୍ତ ଦେବୀଙ୍କ ବାର୍ଷିକ ନଗର ପରିକ୍ରମାର ଅନୁକୂଳ ସୋମବାର ଶୁଭାରମ୍ଭ ହୋଇଯାଇଛି। ଲହୁଣୀପଡ଼ା ବ୍ଲକ ହଳଦୀକୁଦର ପଞ୍ଚାୟତ ସାନକୋଲ ପାହାଡ଼ ଗୁମ୍ଫାରୁ ମା'ଙ୍କୁ ପୂଜାର୍ଚ୍ଚନା କରି ଆମନ୍ତ୍ରଣ କରାଯାଇଥିଲା। ବାଦ୍ୟନୃତ୍ୟର ତାଳେ ତାଳେ ପାଛୋଟି ଅଣାଯାଇ ସାନକୋଲ ଗ୍ରାମସ୍ଥିତ ଦେବୀ ମଣ୍ଡପ ଆସ୍ଥାନରେ ରଖି ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତଙ୍କର ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ବହୁ ସଂଖ୍ୟକ ମହିଳା ପୁରୁଷ ଉପାସକ ଯୋଗଦେଇ ମାନସିକ ମନାସୀ ଥିବାବେଳେ କେତେକ ମାନସିକ ପୂରଣ ହୋଇଥିବା ଭକ୍ତ ପୂଜାର୍ଚ୍ଚନା କରିଥିଲେ। ଆବାହନ କାଳରୁ ବଣେଇରେ ଅନ୍ୟତମ ପ୍ରତ୍ୟକ୍ଷ ଓ ପ୍ରସିଦ୍ଧ ମା' କନ୍ତଦେବୀଙ୍କର ନଗର ପରିକ୍ରମା ପ୍ରତ୍ୟେକ ବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ଆରମ୍ଭ ହୋଇ ପୂର୍ଣ୍ଣମା ଦିନ ପିଠେ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପ୍ରସିଦ୍ଧ ମା' କନ୍ତଦେବୀଙ୍କ ଆଗମନ ପାଇଁ ଦେହୁରୀମାନେ (ଭୂୟାଁ ପୂଜକ) ମହାଳୟା ଦୁଇଦିନ ପୂର୍ବରୁ ରାଜପ୍ରାସାଦକୁ ଆସିଥାନ୍ତି। ଦ୍ୱାଦଶୀ ତିଥି ଦିନ ରାଜାଙ୍କ ଘରୁ ଦେହୁରୀମାନଙ୍କୁ ପୁରାଞ୍ଜଳି ଦିଆଯାଇଥାଏ। ଏକ ନୂଆ ହାଣ୍ଡିରେ ଧାନ, ଅରୁଆ ଚାଉଳ, ଗୁଆ, କଉଡ଼ି, ସିନ୍ଦୁର, ଝୁଣା ଧୂପ, ପୂଜା ସାମଗ୍ରୀ ଦେଇ ନୂତନ ବସ୍ତ୍ରରେ ହାଣ୍ଡିର ମୁଖକୁ ଆବଦ୍ଧ କରି ଆନୁଷ୍ଠାନିକ ଭାବେ ଦେହୁରୀମାନଙ୍କୁ ପ୍ରଦାନ କରାଯାଇଥାଏ।ସେହି ପୁରାଞ୍ଜଳିକୁ ନେଇ ଦେହୁରୀମାନେ ମା' କନ୍ତଦେବୀଙ୍କ ଆଗମନ ପାଇଁ ପୂଜାର୍ଚ୍ଚନା କରି ଆମନ୍ତ୍ରଣ କରିଥାନ୍ତି। ସୋମବାର ପ୍ରଥମ ଦିବସରେ ସାନକୋଲ, ହଳଦୀ କୁଦର, କଣ୍ଟାକୁଦର ଗ୍ରାମରେ ପୂଜା ପାଇ ନୂଆଡ଼ିହି ଗ୍ରାମରେ ମାଆଙ୍କର ବିଶ୍ରାମ ଅଛି। ରାଜ ଦରବାର ତରଫରୁ ପ୍ରଚଳିତ ପୂର୍ବ ସୂଚୀ ଅନୁଯାୟୀ ମା'ଙ୍କର ଏହି ନଗର ପରିକ୍ରମା କାର୍ଯ୍ୟକ୍ରମ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। କୁମାର ପୂର୍ଣ୍ଣମା ଦିନ ମା'ଙ୍କର ପିଠେ ପ୍ରତ୍ୟାବର୍ତ୍ତନ ହେବେ। ଏହି ପକ୍ଷାନ୍ତ ନଗର ପରିକ୍ରମାବେଳେ ବଣେଇର ବିଭିନ୍ନ ସ୍ଥାନରେ ମା'ଙ୍କର ଆଗମନକୁ ଭବ୍ୟ ସ୍ୱାଗତ ସହିତ ପୂଜାର୍ଚ୍ଚନା କରିବା ପାଇଁ ପ୍ରସ୍ତୁତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଏ। ଏହାକୁ ସୂଚାରୁ ରୂପେ ତୁଲାଇବା ପାଇଁ ରାଜ ଦରବାର ଓ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ମାନ ଗ୍ରହଣ କରାଯାଇଥାଏ। ଏଥିରେ ବଣେଇ ସମେତ ପଡୋଶୀ ଅଞ୍ଚଳ ଓ ବହୁ ଦୂରଦୂରାନ୍ତରୁ ଭକ୍ତମାନେ ଆସି ପୂଜାର୍ଚ୍ଚନା କରିବା ସହିତ ମନସ୍କାମନା ପୂର୍ଣ୍ଣ ପାଇଁ ମାନସିକ ବ୍ରତ ପାଳନ କରିଥାନ୍ତି। ବିଭିନ୍ନ ସ୍ଥାନରେ ମା'ଙ୍କର ଦର୍ଶନ ପାଇଁ ଭକ୍ତଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥାଏ।

## ଲାଠିକଟା ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନଶୁଣାଣି


ଯୁଗ୍ମ ଜନଶୁଣାଣିରେ ଉପସ୍ଥିତ ଅଧିକାରୀ।

**ରାଉରକେଲା ଅଫିସ,୨୬।୯**

ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ଲାଠିକଟା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ଡାକ୍ତର ପରାଗ ହର୍ଷିଦ ଗାଭାଲି ଓ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ଯୋଗଦେଇ ସାଧାରଣ ଲୋକଙ୍କର ଆପତ୍ତି ଓ ଅଭିଯୋଗ ଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୨୧୬ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୮ଟି ଅଭିଯୋଗର ସମାଧାନ ଜନଶୁଣାଣି ହିଁ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ବିଚାର କରି ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲାଠିକଟା ବ୍ଲକର ୧୮ଟି ଗ୍ରାମପଞ୍ଚାୟତରୁ ଆସିଥିବା ଲୋକ ବିଭିନ୍ନ ସମସ୍ୟା ଉପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିମଧ୍ୟରୁ ଆବାସ ଯୋଜନା ମାଧ୍ୟମରେ ଘର ନିର୍ମାଣ ସହିତ, ପାନୀୟ ଜଳ, ରାସ୍ତା, ଡ୍ରେନ ନିର୍ମାଣ, ବିଦ୍ୟୁତ ସମସ୍ୟା ଆଦି ରହିଥିଲା। ସେହିପରି ସ୍କୁଲ ଓ ଅଙ୍ଗନବାଡି ସହ ବିଭିନ୍ନ ପୋଖରୀର ପୁନରୁଦ୍ଧାର ଆଦି ସମ୍ପର୍କରେ ଲୋକମାନେ ପ୍ରଶାସନ ପାଖରେ ଦୃଷ୍ଟିଆକର୍ଷଣ କରିଥିଲେ। ସେହିପରି ଚିକିତ୍ସାଲାଗି ଆବେଦନ କରିଥିବା ୧୨ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆସିଥିବା ସହାୟତା ପ୍ରଦାନ କରାଯାଇଥିଲା। ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିବାବେଳେ ୧୯ ଜଣଙ୍କୁ ଭତ୍ତା ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ, ଜିଲା ପରିଷଦର ମୁଖ୍ୟ ଅଧିକାରୀ ଭୈରବ ସିଂ ପଟେଲ, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ, ରିତା ସାଙ୍ଗ, ଲାଠିକଟା ବ୍ଲକ ଅଧ୍ୟକ୍ଷ ଦିଲୀପ ଖେସ, ଲାଠିକଟା ବିଡିଓ ମନସ୍ୱିନୀ ଦାସ, ଡେପୁଟି କଲେକ୍ଟର କୁନ୍ତିରାଣୀ ନାୟକଙ୍କ ସହ ବହୁ ବରିଷ୍ଠ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ହକି ବିଶ୍ୱକପ୍ ପାଇଁ ଝାରସୁଗୁଡ଼ା ବିମାନବନ୍ଦରକୁ ଅଧିକ ବିମାନ ଚଳାଚଳ ଦାବି

**କେନ୍ଦ୍ର ବେସାମରିକ ବିମାନ ଚଳାଚଳ ସଚିବଙ୍କୁ ଚିଠି ଲେଖିଲେ ମୁଖ୍ୟ ଶାସନ ସଚିବ**

**ଭୁବନେଶ୍ୱର, ୨୬।୯(ବ୍ୟୁରୋ)**

ଆସନ୍ତା ବର୍ଷ ଜାନୁୟାରୀ ୧୩ ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏଥିପାଇଁ ହକି ଇଣ୍ଡିଆ ଏବଂ ରାଜ୍ୟ ସରକାର ଜୋରସୋରରେ ପ୍ରସ୍ତୁତ ଚଳାଇଛନ୍ତି। ହକି ବିଶ୍ୱକପରେ ଦେଶବିଦେଶରୁ ଦର୍ଶକଙ୍କ ସମାଗମ ହେବ। ତେଣୁ ରାଜ୍ୟକୁ ଅଧିକ ସଂଖ୍ୟକ ଫ୍ଲାଇଟ ଚଳାଚଳ ପାଇଁ ଓଡ଼ିଶା ସରକାର ଦାବି କରିଛନ୍ତି। ଏ ନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ସଚିବ ରାଜୀବ ବନ୍‌ସଲଙ୍କୁ ଏକ ଚିଠି ଲେଖି ଝାରସୁଗୁଡ଼ା ବିମାନବନ୍ଦରକୁ ଅଧିକ ସଂଖ୍ୟକ ବିମାନ ଚଳାଚଳ ପାଇଁ ଅନୁରୋଧ କରିଛନ୍ତି। ଏଥିସହିତ ରାଉରକେଲା ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଛନ୍ତି। ରାଉରକେଲା ବିମାନବନ୍ଦରର ବିକଳ୍ପ ଭାବେ ଝାରସୁଗୁଡ଼ା ବିମାନବନ୍ଦରକୁ ଅଧିକ ସଂଖ୍ୟକ ବିମାନ ଚଳାଚଳ କରଯାଉ। ଝାରସୁଗୁଡ଼ାରୁ ରାଉରକେଲାକୁ ସଡ଼କ ପଥରେ ଏବଂ ରେଳପଥରେ ଭଲ ସଂଯୋଗ ରହିଥିବାରୁ ଦର୍ଶକମାନେ ଝାରସୁଗୁଡ଼ା ବିମାନବନ୍ଦରରୁ ସଡ଼କ କିମ୍ବା ରେଳ ପଥରେ ରାଉରକେଲାରେ ପହଞ୍ଚିପାରିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ସେପଟେ ସ୍ପାଇସ ଜେଟ୍ ଝାରସୁଗୁଡ଼ାକୁ ନିଜର ସିଡୁଲ୍‌ଡ୍ ଫ୍ଲାଇଟ୍ ବାତିଲ କରିବା ନେଇ ମୁଖ୍ୟ ଶାସନ ସଚିବ ଚିନ୍ତା ପ୍ରକଟ କରିବା ସହ ମନ୍ତ୍ରଣାଳୟର ଦୃଷ୍ଟିଆକର୍ଷଣ କରିଛନ୍ତି।

## ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଲିଗ୍ ଉଦ୍‌ଘାଟିତ



**ସୁନ୍ଦରଗଡ଼,୨୬।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏଶନ ଅଫ ଓଡିଶା (ଫାଓ)ର ମିଳିତ ଆନୁକୂଲ୍ୟରେ କିର୍ଣ୍ଣିମା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଫାଓ ଖେଲୋ ଇଣ୍ଡିଆ ୧୭ ବର୍ଷରୁ କମ ମହିଳା ଫୁଟବଲ ଲିଗ ସୋମବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି, ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ, ସଦର ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ, କିର୍ଣ୍ଣିମା କଲେଜ ଅଧକ୍ଷ ମନୋଜ ଚୌଧୁରୀ, କିର୍ଣ୍ଣିମା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଦେବକୀ ଜୟପୁରିଆ,ସରପଞ୍ଚ ରାଜକିଶୋରୀ ଏକ୍କା ଯୋଗ ଦେଇଥିଲେ। ଜିଲା କ୍ରୀଡା ସସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ଅତିଥି ପରିଚୟପତ୍ର ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳ ମଞ୍ଚ ପରିଚାଳନା କରିଥିଲେ। ଉଦଘାଟନୀ ଦିବସରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ରାଜଗାଙ୍ଗପୁର ଦଳ ଏବଂ ସେଣ୍ଟ ମେରୀ ଦଳ ମଧ୍ୟରେ ଖେଳ ଡ୍ର ହୋଇଥିଲା। ୨ୟ ମ୍ୟାଚରେ କିଞ୍ଜିରିକେଲା ଦଳ ଅମ୍ରିତା ଲାକଡାଙ୍କ ୧ଗୋଲରେ କିର୍ଣ୍ଣିମା ଦଳ ଠାରୁ ୧–୦ ଗୋଲରେ ବିଜୟୀ ହୋଇଥିଲା। ଶେଷ ମ୍ୟାଚ କୁଆରମୁଣ୍ଡା ଦଳ ରୁଡୁରେ ବଡାଇକଙ୍କ ଗୋଟିଏ ଗୋଲ ବଳରେ ରାଉରକେଲା ଦଳ ଠାରୁ ବିଜୟୀ ହୋଇଥିଲା। ଜାତୀୟ ରେଫରୀ ଦୁର୍ଗା ମାଧବା ନାଏକ ମ୍ୟାଚ କମିଶନ ଦାୟିତ୍ୱ ତୁଲାଇଥିବାବେଳେ ରେଫରୀ ରୀନା ତିର୍କୀ, ସୁମତି ଲାକ୍ରା, ବାସନ୍ତୀ କିସାନ, ବାଲମତି ଓରାମ, ଫୁଲମତି ଟପ୍ପୋ ମ୍ୟାଚ ପରିଚାଳନା କରିଥିଲେ। ଜିଲା କ୍ରୀଡା ସସଦର ପ୍ରଶାନ୍ତ ପଟେଲ, ରୋମାଞ୍ଚ ଭୈଷାଲ,ଶିଶିର ପଟେଲ ,ସୂରଜ ଭୈଷାଲ,ପ୍ରସାଦ ନାଏକ, ରାଜେନ୍ଦ୍ର ପଣ୍ଡା, ରାଜା ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ନାଳକଡରୁ ବୃଦ୍ଧାଙ୍କ ମୃତଦେହ ଜବତ

**ଲହୁଣୀପଡ଼ା,୨୬।୯(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଗମ୍ଭାର ଡ଼ିହି ନିକଟସ୍ଥ ନାଳରୁ ସୋମବାର ସନ୍ଧ୍ୟାରେ ଜନୈକା ବୃଦ୍ଧାଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇଛି। ପ୍ରକାଶ ଯେ, ଲହୁଣୀପଡ଼ାସ୍ଥିତ ଶୁକପାଲି ଗ୍ରାମର ମହେଶ୍ୱର ମାହାନ୍ତଙ୍କ ସ୍ତ୍ରୀ ମଙ୍ଗୁଳି ମାହାନ୍ତ (୬୫) ଗତ ପ୍ରାୟ ୩/୪ଦିନ ହେବ ଘରୁ କୁଆଡେ ପଳେଇ ଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରି ନ ପାଇବାରୁ ରବିବାର ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋମବାର ସନ୍ଧ୍ୟାରେ ଗମ୍ଭାରଡ଼ିହି ନାଳ ନିକଟରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଦେଖି କେତେକ ଲୋକ ସୂଚନା ଦେବାରୁ ପରିବାର ଲୋକ ସେଠାରେ ପହଞ୍ଚି ମଙ୍ଗୁଳିଙ୍କୁ ଚିହ୍ନଟ କରିବା ସହିତ ଲହୁଣୀପଡ଼ା ଥାନାକୁ ସୂଚନା ଦେଇଥିଲେ। ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବି ଜଣାଇଲା ଭାଜପା କୃଷକ ମୋର୍ଚ୍ଚା

**ସୁନ୍ଦରଗଡ଼,୨୬।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଭାଜପା କୃଷକ ମୋର୍ଚ୍ଚା ତରଫରୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ସମବାୟ ନିର୍ବାଚନ କରାଇବା ଦାବି ନେଇ ସୋମବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ରବିଚନ୍ଦ୍ର ପଟେଲଙ୍କ ନେତୃତ୍ୱରେ ସ୍ଥାନୀୟ ଡ଼ିଆରଡିଏ ଛକଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଓ ପୌର ଅଧ୍ୟକ୍ଷା ତନୟା ମିଶ୍ରଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଭାଜପା ନେତାମାନେ ଦାବି କରିଥିଲେ, ଆଗାମୀ ଅକ୍ଟୋବରରେ ହେବାକୁ ଥିବା ସମବାୟ ନିର୍ବାଚନକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କରାଇବା ସହ ବିଗତ ଦିନ ମାନଙ୍କରେ ଯେଉଁ ସବୁ ବ୍ୟାଙ୍କର ବ୍ୟକ୍ତି ବିଶେଷ କୋଟି କୋଟି ଟଙ୍କା ଦୁର୍ନୀତିରେ ଜଡିତ ଅଛନ୍ତି ସେମାନଙ୍କୁ ଏହି ନିର୍ବାଚନରୁ ବାଦ ଦେବା ସହ ତାଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ଦାବି କରିଥିଲେ। ସେମାନେ ଏହି ନିର୍ବାଚନରେ ଭାଗ ନେଲେ ପକ୍ଷପାତିତା କରିବା ସହ ନିର୍ବାଚନରେ ସ୍ୱଚ୍ଛତା ରହିବ ନାହିଁ। ତେଣୁ ଆଗାମୀ ନିର୍ବାଚନ କିପରି ସ୍ୱଚ୍ଛତାର ସହ କରାଯାଇ ପାରିବ ସେନେଇ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ବିକାଶ ନାଏକ ଜଗବନ୍ଧୁ ଭୋଇ, ଅସୀମ ପଟେଲ, ନିମାଇଁ ନାଏକ, ସିମେଶ୍ୱର ଲରିଆ, ଅଞ୍ଜନା ପଟେଲ, ବିମଲ ପଟେଲ,ଅରବିନ୍ଦ ନାଏକ, ଦୁବରାଜ ପଟେଲ, ରାଜ କୁମାର କିଷାନ, ଶତ୍ରୁଘ୍ନ ପଟେଲ, କାଉନସିଲର ଗୀତାଞ୍ଜଳି ନନ୍ଦ ଓ ଅନେକ ଭାଜପା ନେତା ସାମିଲ ଥିଲେ।

## ମହିଳା ସଂଗ୍ରାମ ସମିତି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**କୁତ୍ରା, ୨୬।୯(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ବିଭିନ୍ନ ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ କାର୍ଯ୍ୟରେ ହେଉଥିବା ଦୁର୍ନୀତି ନିବାରଣ ଏବଂ ଏହା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ପଞ୍ଚାୟତର ମହିଳା ସଂଗ୍ରାମ ସମିତିର ସଦସ୍ୟମାନଙ୍କ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଗତ ଦିନରୁ ଏମ୍‌ଜିଏନ୍‌ଆର୍‌ଇଜିଏସ ଯୋଜନାରେ ହେଉଥିବା ବିଭିନ୍ନ କାର୍ଯ୍ୟ ଶ୍ରମିକମାନଙ୍କୁ ଜବକାର୍ଡ ମାଧ୍ୟମରେ ଶ୍ରମ ଦିବସ ଯୋଗାଇ ଦେବାର ପ୍ରକୃତ ଉଦ୍ଦେଶ୍ୟରୁ ଦୂରେଇ ରହିବା ସହ ଏହି କାର୍ଯ୍ୟରେ ହେଉଥିବା ଦୁର୍ନୀତିର ଅଭିଯୋଗ ଆଣିଛନ୍ତି ମହିଳା ସଂଗ୍ରାମ ସମିତି। ଏହା ସହ ଏମ୍‌ଜିଏନ୍‌ଆର୍‌ଇଜିଏସ ଆଇନରେ ଥିବା ପ୍ରାବଧାନ ଅନୁସାରେ କାର୍ଯ୍ୟ କରିବାର ୭ରୁ ୧୫ ଦିନ ମଧ୍ୟରେ ଶ୍ରମିକଙ୍କୁ ମଜୁରି ପ୍ରଦାନ, ମାଷ୍ଟର ରୋଲରେ ଠିକ ଲିପିବଦ୍ଧ ସହ ସାର୍ବଜନୀନ କରିବା,ଶ୍ରମିକଙ୍କୁ କାର୍ଯ୍ୟ ପାଇଁ ଆବଶ୍ୟକ ଉପକରଣ ପ୍ରଦାନ, କାର୍ଯ୍ୟ କ୍ଷେତ୍ରରେ ଶ୍ରମିକଙ୍କ ମୃତ୍ୟୁ କିମ୍ବା ଆହତ ହେଲେ ନିୟମ ଅନୁଯାୟୀ କ୍ଷତିପୂରଣ, ଘରୁ କାର୍ଯ୍ୟ ସ୍ଥଳକୁ ଯାତାୟତ ଖର୍ଚ୍ଚ ପ୍ରଦାନ, ଠିକ ଭାବେ ସୋସିଆଲ ଅଡିଟ କରାଯିବା, ମାଟି କାମକୁ ଗାଁ ଲୋକଙ୍କ ସମ୍ମୁଖରେ ମପାଯିବା, ସର୍ବୋପରି ଏମ୍‌ଜିଏନ୍‌ଆର୍‌ଇଜିଏସ କାର୍ଯ୍ୟରେ ହେଉଥିବା ଦୁର୍ନୀତିକୁ ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରି ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ମହିଳା ସଂଗ୍ରାମ ସମିତିର କୁତ୍ରା ବ୍ଲକ ସଂଯୋଜକ ଶୁରେଖା ବାଡ଼ା, ଆମ୍ବଗୋଭା ପଞ୍ଚାୟତରୁ ସୁଷମା ବାଗେ, ଝାରବେଡାର ସୁନିତା ଜୋଜୋ, ବିରିଂଗାଟୋଲିର ପ୍ରମିଳା ଲୁଗୁନ, ଡୁନମୁରାର ଆଶ୍ରିତି ନାଏକ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।


ବିଡ଼ିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ହେଉଥିବା ଦୁର୍ନୀତି ନିବାରଣ ପାଇଁ ଜାଗିଲେ ମହିଳା**

# କୃଷିବୀମା କ୍ଷତିପୂରଣ ପାଇଁ ଚାଷୀଙ୍କ ରେଲରୋକୋ


ବଲାଙ୍ଗୀର ରେଲଷ୍ଟେଶନରେ ଜିଲା କୃଷି ମହାସଂଘ ପକ୍ଷରୁ ରେଲରୋକୋ କରାଯାଉଛି।


ଟିଟିଲାଗଡ଼ଠାରେ ଚାଷୀମାନଙ୍କଦ୍ୱାରା ରେଲରୋକୋ କରାଯାଉଛି।

- ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର
- ବଲାଙ୍ଗୀର, ହରିଶଙ୍କର ରୋଡ, ଟିଟିଲାଗଡ଼ ଷ୍ଟେସନ୍‌ରେ ରେଲରୋକା
- ଟିଟିଲାଗଡରେ ପୋଲିସ-ଚାଷୀ ଧସ୍ତାଧସ୍ତି

**ବଲାଙ୍ଗୀର ଅଫିସ,୨୬।୯**

୨୦୨୧ ମସିହାର କୃଷିବୀମା କ୍ଷତିପୂରଣ ଏବଂ ଚାଷୀଙ୍କ ଅନ୍ୟଦାବିକୁ ନେଇ ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ସୋମବାର ବଲାଙ୍ଗୀର, ଟିଟିଲାଗଡ ଏବଂ ହରିଶଙ୍କର ରୋଡ ରେଲଷ୍ଟେଶନଠାରେ ରେଲରୋକ କରାଯାଇଥିଲା। ଜିଲା କୃଷକ ମହାସଂଘ ସଭାପତି ଯତି ପ୍ରଧାନଙ୍କ ନେତୃତ୍ୱରେ ହରିଶଙ୍କର ରୋଡ, ସମ୍ପାଦକ ସୌମେନ୍ଦ୍ର ପରିଚ୍ଛାଙ୍କ ନେତୃତ୍ୱରେ ବଲାଙ୍ଗୀର ଏବଂ ସଂଯୋଜକ ମଧୁସୂଦନ କ୍ଷେତୀଙ୍କ ନେତୃତ୍ୱରେ ଟିଟିଲାଗଡ ରେଳ ଷ୍ଟେଶନଠାରେ ଶତାଧିକ ଚାଷୀଙ୍କ ଉପସ୍ଥିତିରେ ରେଲରୋକୋ କରାଯାଇଥିଲା। ୨୦୨୧ ମସିହାରେ ବଲାଙ୍ଗୀର ଜିଲାରେ ବର୍ଷାଭାବ ଯୋଗୁଁ ଭୟାବହ ମରୁଡି ହୋଇଥିଲା। ଜିଲାର ୧୪ ବ୍ଲକ ଏବଂ ୩୧୭ ପଞ୍ଚାୟତର ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଏଆଇସିସି ବୀମା କମ୍ପାନୀକୁ ପ୍ରିମିୟମ ବୁଝାଇଥିଲେ। ତେବେ ବାରମ୍ବାର ଦାବି ସତ୍ତ୍ୱେ ଜିଲାର ୮୫ ପଞ୍ଚାୟତର ଚାଷୀଙ୍କୁ ବୀମା କ୍ଷତିପୂରଣ ଦିଆଯାଇ ନ ଥିଲା। ଏନେଇ ଚାଷୀମାନେ ମହାସଂଘ ଜରିଆରେ ବିଭିନ୍ନ ସମୟରେ ବିକ୍ଷୋଭ, ଦାବିପତ୍ର ଏବଂ ଆନ୍ଦୋଳନ କରି ଚାଷୀଙ୍କୁ ବୀମା କ୍ଷତିପୂରଣ ଦେବାକୁ ଦାବି କରିଆସୁଥିଲେ। ତେବେ ଏଆଇସିସି କମ୍ପାନୀର ଟାଳଟୁଳ ନୀତି ଯୋଗୁଁ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ମଧ ଚାଷୀମାନେ ଫସଲବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇ ୨୫ ତାରିଖ ସୁଦ୍ଧା ୭ ଦଫା ଦାବି ପୂରଣ ନହେଲେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧହେବେ ବୋଲି ପ୍ରଶାସନକୁ ଲିଖିତ ଜଣାଇଥିଲେ। ଏହାସତ୍ତ୍ୱେ ବୀମା କମ୍ପାନୀ ଓ ପ୍ରଶାସନ ଚାଷୀଙ୍କ ଦାବିକୁ ହାଲୁକାରେ ନେବାରୁ ସୋମବାର ଶତାଧିକ ଚାଷୀ ବଲାଙ୍ଗୀର, ଟିଟିଲାଗଡ ଓ ହରିଶଙ୍କର ରୋଡରେ ରେଲରୋକୋ କରି ଶକ୍ତି ପ୍ରଦର୍ଶନ କରିଥିଲେ। ବଲାଙ୍ଗୀର ରେଲଷ୍ଟେଶନରେ ଦୁଇଟି ମାଲବାହୀ ଟ୍ରେନ୍‌କୁ ଚାଷୀମାନେ ଅଟକାଇଥିଲେ। ସେହିପରି ଲାଠୋରରେ ମଧ ରେଲରୋକୋ କରାଯାଇଥିଲା। ଟିଟିଲାଗଡ ଷ୍ଟେଶନରେ ଚାଷୀଙ୍କୁ ପଶିବାକୁ ପୋଲିସ ବାଧା ଦେବାରୁ ସେଠାରେ ଚାଷୀ ଓ ପୋଲିସ ମଧରେ ଧସ୍ତାଧସ୍ତି ହୋଇଥିଲା। ସକାଳୁ ଦିନ ୨ଟା ପର୍ଯ୍ୟନ୍ତ ଆନ୍ଦୋଳନ ଜୋରଦାର ହେବା ଦେଖି ପ୍ରଶାସନ ପକ୍ଷରୁ ଆସି ଚାଷୀଙ୍କୁ ବୁଝାଶୁଝା କରାଯାଇଥିଲା। ବଲାଙ୍ଗୀର ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା ରେଲଷ୍ଟେଶନରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ତହସିଲଦାର ପଣ୍ଡା ଜିଲା କୃଷି ମହାସଂଘକୁ ଲିଖିତ ପ୍ରତିଶ୍ରୁତି ଦେଇ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ୨୦୨୧ ମସିହା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଜିଲା ବଳକା ଗ୍ରାମ ପଞ୍ଚାୟତଗୁଡିକରେ ବୀମା କ୍ଷତିପୂରଣ ପ୍ରଦାନ ନେଇ ଆଗାମୀ ୩୦ ସେପ୍ଟେମ୍ବର ସୁଦ୍ଧା ସମବାୟ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଜରିଆରେ ଚୁଡାନ୍ତ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ଜିଲାର ସାର କଳାବଜାର ରୋକିବା ଦିଗରେ ବିହିତ ପଦକ୍ଷେପ ନେବା, ୨୦୨୨-୨୩ ବର୍ଷ ପାଇଁ ଆଟମାମୁଲି ଜମି ରେଜିଷ୍ଟ୍ରେସନ୍ ପାଇଁ ଅନୁମତି ଦେବା ଏବଂ ଆମାଗୀ ୩୦ ତାରିଖ ସୁଦ୍ଧା ବୀମା କ୍ଷତିପୂରଣ ନଦେଲେ ମହାସଂଘ ପକ୍ଷରୁ ଚାଷୀ ଦେଇଥିବା ଦାବିପତ୍ର ବୀମା କମ୍ପାନୀ ବିରୋଧରେ ଏଫଆଇଆର ଭାବେ ଗ୍ରହଣ କରାଯାଇ ବୀମା କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଠିକ୍ ସେହିପରି ଟିଟିଲାଗଡ ଏବଂ ହରିଶଙ୍କର ରୋଡଠାରେ ମଧ ଅଧିକାରୀମାନେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା।


ଲାଠୋର ହରିଶଙ୍କର ରୋଡ ରେଲଷ୍ଟେଶନରେ ଚାଷୀମାନେ ରେଲରୋକୋ କରିଛନ୍ତି।

## ସଂକ୍ଷେପରେ

### ଶିବିରରେ ୧୭୦ ଜଣଙ୍କ ଚକ୍ଷୁ ପରୀକ୍ଷା

**ଖପ୍ରାଖୋଲ, ୨୬।୯(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭା ଗୃହରେ ଏସସିଡି ଚକ୍ଷୁ ଚିକିତ୍ସାଳୟ ଟିଟିଲାଗଡ ଓ ୟୁଥ ବ୍ଲଡ ଡୋନର ଗ୍ରୁପର ମିଳିତ ଉଦ୍ୟମରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସିଡିପିଓ ସୁଜାତା ଦୋରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଡିଓ ରଶ୍ମି ରଞ୍ଜନ ରାଉତ, ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରିଧାରୀ ନାଗ ଉପସ୍ଥିତ ଥିଲେ। ଏହି ଅବସରରେ ୧୭୦ଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୭୦ଜଣଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ୪୭ ଜଣଙ୍କୁ ମାଗଣା ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଟିଟିଲାଗଡ ପଠାଯାଇଛି। ଏହି ୟୁଥ ବ୍ଲଡ ଡୋନର ଗ୍ରୁପ ସଦସ୍ୟଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଅକ୍ଷୟ ପ୍ରଧାନ, ଡୋଳାମଣି ସାହୁ, ସୁଶାନ୍ତ ପ୍ରଧାନ, ସାଗତ ସାହୁ, ଡୋଳା ସାହୁ, ଦିଲୀପ ପଧାନ, ଅନନ୍ତ ବାରିକ, ବିଶ୍ୱଜିତ ପଧାନ, ଜପକୃଷ୍ଣ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଉପରବାହାଲରେ ରକ୍ତଦାନ ଶିବିର

**ଲୋଇସିଂହା,୨୬।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରବାହାଲ ଜନ କଲ୍ୟାଣ ଯୁବକ ସଂଘ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆନୁଷ୍ଠିତ ହୋଇଯାଇଛି। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ମହାଲିଙ୍ଗ କୋଭିଡ ପରେ ରକ୍ତଭଣ୍ଡାରେ ଦେଖାଦେଇଥିବା ରକ୍ତ ସଙ୍କଟକୁ ଆଖି ଆଗରେ ରଖି ଅଧିକରୁ ଅଧିକ ରକ୍ତ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା କୁଲଟା ସମାଜ ଯୁବ ସଭାପତି ଅସୀମ ଭୋଇ, ଅନନ୍ତ ସାହୁ, ଶର୍ମା ସାହୁ ସମ୍ମାନୀତ ଅତିଥିଭାବେ ଯେଗଦେଇଥିଲେ। ଶିବିରରେ ୨୬ ୟୁନିଟ ରକ୍ତସଂଗ୍ରହ ହୋଇଥିଲା। ବୀରେନ୍ଦ୍ର ଗଡତ୍ୟା, ସୁରେନ୍ଦ୍ର ସାହୁ, ମହାଦେବ ସାହୁ, ଆନନ୍ଦ ବିଶ୍ୱାଳ ଓ ଅନୁଷ୍ଠାନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଖ୍ରୀଷ୍ଟୀୟ ସମ୍ପ୍ରଦାୟର ନୂଆଁଖାଇ ଭେଟ୍‌ଘାଟ୍

**ଲୋଇସିଂହା,୨୬।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରତାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ତାଲଜୁରୀ ଗ୍ରାମରେ ଖ୍ରୀଷ୍ଟୀୟ ସମ୍ପ୍ରଦାୟ ଲୋକଙ୍କ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଖ୍ରୀଷ୍ଟ ସମ୍ପ୍ରଦାୟର ଲୋକେ ବିଭିନ୍ନ ସମସ୍ୟା ଉପରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଶୁଣି ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇଥିଲେ ବିଧାୟକ ମହାଲିଙ୍ଗ।

### ଦେଓଗାଁରେ ଅଗ୍ରେସନ ଜୟନ୍ତୀ ପାଳିତ

**ଦେଓଗାଁ,୨୬।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ମୁଖ୍ୟାଳୟରେ ଅଗ୍ରୱାଲ ସମାଜ ତଥା ମାରୱାଡି ମହିଳା ଶାଖା ଆନୁକୂଲ୍ୟରେ ସୋମବାର ଅଗ୍ରସେନ ମହାରାଜ ଜୟନ୍ତୀ ପାଳିତ ହୋଇଯାଇଛି। ଅଗ୍ରୱାଲ ସମାଜର ବୟୋଜ୍ୟେଷ୍ଠ ମଙ୍ଗତୁରାମ ଅଗ୍ରୱାଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦେଓଗାଁ କଛାରପାଲି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରୁ ଅପରାହ୍ନରେ ଅଗ୍ରେସନ ମହାରାଜଙ୍କ ରଥଯାତ୍ରା ଦେଓଗାଁ ଗ୍ରାମ ପରିକ୍ରମା କରାଯାଇ ବସଷ୍ଟାଣ୍ଡ ନିକଟସ୍ଥ ମଣ୍ଡପଥରେ ପହଞ୍ଚିଥିଲା। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦୁଇଜଣ ମେଧାବୀ ଛାତ୍ରୀ ଶିଖା ଅଗ୍ରୱାଲ ଓ ରଚନା ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହିଳା ଶାଖା ସଭାପତି ଅଞ୍ଜୁ ଅଗ୍ରୱାଲ, ସମ୍ପାଦିକା ସବିତା ଅଗ୍ରୱାଲ, କୋଷାଧକ୍ଷ ତିଲକା ଅଗ୍ରୱାଲ, ସଦସ୍ୟା କୁସୁମ ଅଗ୍ରୱାଲ, ଟିଙ୍କି ଅଗ୍ରୱାଲ, ରାଜକୁମାରୀ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## ଲକ୍ଷେଘର ଗଣ୍ଡା ସମାଜର ନୂଆଁଖାଇ ଭେଟ୍‌ଘାଟ


ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥିମାନେ।

**ଖପ୍ରାଖୋଲ, ୨୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆରେ ବ୍ଲକସ୍ତରୀୟ ଲକ୍ଷେଘର ଗଣ୍ଡା ସମାଜର ନୂଆଁଖାଇ ଭେଟ୍‌ଘାଟ ବ୍ଲକ ସଭାପତି ଛିନୁ ଟାକ୍ରିଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ପାରମ୍ପରିକ ବାଦ୍ୟ ସହ ଏକ ଶୋଭାଯାତ୍ରା ଇଷ୍ଟଦେବୀ ଡୁମେରତଲିଏନଠାରେ ପହଞ୍ଚିଲା ପରେ ପୂଜାର୍ଚ୍ଚନା ପରେ ଗ୍ରାମ ପରିକ୍ରମା କରିଥିଲା। ଅନୁଷ୍ଠିତ ଭେଟ୍‌ଘାଟରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର, ସମ୍ମାନିତ ଅତିଥି ସାମାଜିକ କର୍ମୀ ଦୀପା ବାରିକ, ଖପ୍ରାଖୋଲ ସରପଞ୍ଚ ବେଟିଖାଇ ସେଦ୍ରିଆ, ଦମେଇପାଲି ସରପଞ୍ଚ ତାରାକାନ୍ତି ତାଣ୍ଡି, ସମିତି ସଭ୍ୟା ଘନକେଶୀ ସୁନା, ପୂର୍ବତନ ସରପଞ୍ଚ ରଞ୍ଜିତା ସୁନା, ସମାଜସେବୀ ଚଏତୁ ଛୁରା, ଜିଲା ଆସିଷ୍ଟାଣ୍ଡ ପ୍ଲାନିଙ୍ଗ ଅଫିସର ସଞ୍ଜୟ କୁମାର ଦୀପ, ଗୁପ୍ତେଶ୍ୱର ଖୁରା, ଖପ୍ରାଖୋଲ ବିଏସଏସଓ କନିଷ୍କ ବିଭାର, ସତ୍ୟାନନ୍ଦ ସେଦ୍ରିଆ, ରମେଶ ପଧାନ, ପବିତ୍ର ପଟେଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୂଆଁଖାଇ ପର୍ବ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧରେ ଜନାର୍ଦ୍ଦନ ସୁନା, ଯୁଧିଷ୍ଠିର ହରିପାଲ, ଅଶୋକ ବାଗ, ରାଧାକାନ୍ତ କୁମ୍ଭାର, ସୁନୀଲ ତାଣ୍ଡି, କ୍ରିଷ୍ଣା ତାଣ୍ଡି, ରୋହନ ତାଣ୍ଡି, ରାଧେଶ୍ୟାମ ବାଗ, କୈଳାସ କୁମ୍ଭାର, ଧିରେନ ସୁନା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଜଳଧର ତାଣ୍ଡି ପରିଚାଳନା କରିଥିବା ବେଳେ ମୋହନ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ମହିଳା ସମିତି ବୈଠକ

**ଖଡ଼ିଆଳ,୨୬।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ କଲ୍ୟାଣ ମଣ୍ଡପ ଦୁଇଠାରେ ଉତ୍କଳ ମହିଳା ସମିତିର ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନୁକୂଲ୍ୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଜିଲାର ପାଟିକା, ନିର୍ମାଣ ଶ୍ରମିକ, ଭୂମିହୀନମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଛି। ଜିଲାର ଶତାଧିକ ମହିଳା ଯୋଗଦେଇ ନିଜ କାର୍ଯ୍ୟ କ୍ଷେତ୍ରରେ ଅସୁବିଧା ସମ୍ମୁଖୀନ ହେଉଥିବା କଥା ଆଲୋଚନା କରାଯାଇ ତାହାର ସମାଧାନ ପାଇଁ ଦାବି ଉପସ୍ଥାପନା କରିଥିଲେ। ଏଥିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ସଦସ୍ୟ ଏନ ଗୋପାଳ, ଅକ୍ଷୟ କୁମାର ମେହେର, ବଲାଙ୍ଗୀର ସମ୍ପାଦକ ପ୍ରେମ ବାଗ, ଦିଲୀପ ମଲ୍ଲିକ, ନୂଆପଡ଼ା ସମ୍ପାଦକ ବଂଶୀଧର ପ୍ରଧନୀ, କିଶନ ଲାଲ ତିୱାରୀ, ନିର୍ମାଣ ଶ୍ରମିକ ସଂଘ ସଦସ୍ୟ ଧନେଶର ବନିଛୋର, ପାଟିକା ସଂଘ ସଦସ୍ୟ ସଜନା ବନିଛୋର, ଅନୁ ବାଗ ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ବିଭିନ୍ନ କ୍ଷେତ୍ରରେ ଉପୁଜିଥିବା ସମସ୍ୟା ସମାଧାନ କିପରି ସେ କରିହେବ ସେ ନେଇ ଆଲୋଚନା କରିଥିଲେ।

## ସୁବର୍ଣ୍ଣ ଜୟନ୍ତୀ ନବରାତ୍ର ଦୁର୍ଗାପୂଜା ଆରମ୍ଭ


ଲୋଇସିଂହାରେ ମା'ଙ୍କ ନବରାତ୍ର ପୂଜାର୍ଚ୍ଚନା କରାଯାଉଛି।

**ଲୋଇସିଂହା,୨୬।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ସଦର ଗାଁ ସାର୍ବଜନୀନ ଦୁର୍ଗାପୂଜାକୁ ଚଳିତ ବର୍ଷ ୫୨ ବର୍ଷ ପଦାର୍ପଣ କରିଛି। କୋଭିଡ ଯୋଗୁ ଗତ ଦୁଇବର୍ଷ ହେଲା ପୂଜା କମିଟି ପକ୍ଷରୁ ପୂଜା ହେଉଥିଲେ ବି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯାଇ ପାରି ନ ଥିଲା। ଚଳିତ ବର୍ଷ ପୂଜା କମିଟି ପକ୍ଷରୁ ପୂଜାକୁ ଧୁମଧାମରେ ପାଳନ କରାଯାଉଛି। ନବରାତ୍ର ପୂଜା ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ମାଙ୍କ ଶୈଳପୁତ୍ରୀ ପୂଜା ଅନୁଷ୍ଠିତ ହୋଇଥିଲା। ସୋମବାର ପର୍ଯ୍ୟନ୍ତ ବିଭିନ୍ନ ବେଶରେ ମା' ପୂଜା ପାଇବେ। ୪ ଓ ୫ ଅକ୍ଟୋବରରେ ରାବଣ ଦରବାର ଏବଂ ୬ରେ ଭସାଣୀ ଉତ୍ସବ ରହିଛି। ପୂଜକ ଶ୍ରୀୟାକାନ୍ତ ଦାସ ଓ ପ୍ରଫୁଲ୍ଲ ଦାସ, ଶିବ ନାରାୟଣ ହୋତା ସହଯୋଗୀ ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି। ରବୀନ୍ଦ୍ର ସାହୁ, ଚତୁର ଦଲାଇ, ସୁରେନ ପଧାନ, ବୀରେନ ହୋତା, ଟିଙ୍କୁ ପାଣ୍ଡିଆ ପ୍ରମୁଖ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାରରୁ ଦୁଇଦିନିଆ ରାବଣ ଦରବାର, ବୁଧବାର ବିଜୟା ଦଶମୀ ତିଥିରେ ଲାଖବିନ୍ଧା ଏବଂ ରାବଣପଡି ଉତ୍ସବ ଅନୁଷ୍ଠିତ ହେବା ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।

## ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ଦେଓଗାଁ,୨୬।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ବିଡିଓ ରାମଦତ୍ତ ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ୨୬ପଞ୍ଚାୟତର ସରପଞ୍ଚମାନେ ବିଡିଓ ଭୋଇଙ୍କୁ ସାକ୍ଷାତ୍ କରିଥିଲେ। ବ୍ଲକରେ ଆବଶ୍ୟକ କର୍ମଚାରୀ ଅଭାବ, ୨୬ ପଞ୍ଚାୟତକୁ ମାତ୍ର ୨ଜଣ ଯନ୍ତ୍ରୀ ରହିଥିବାରୁ ଉନ୍ନୟନ କାମ ତ୍ୱରାନ୍ୱିତ ହୋଇପାରୁନାହିଁ ବୋଲି ସଂଘ ଅଭିଯୋଗ ଉଠାଇଥିଲା। ୧୫ଦିନ ମଧରରେ ଯନ୍ତ୍ରୀ ପଦବୀ ପୂରଣ ନକଲେ ସରପଞ୍ଚ ସଂଘ ତରଫରୁ ବ୍ଲକରେ ତାଲାବନ୍ଦ ଆନ୍ଦୋଳନ କରିବ ବୋଲି ବିଡିଓଙ୍କୁ ଜନପ୍ରତିନିଧିମାନେ ରୋକଠୋକ ଶୁଣାଇଛନ୍ତି। ଏହାସହ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଦୁଇଟି ଲେଖାଏ ପଞ୍ଚାୟତର ଦାୟିତ୍ୱରେ ରହିଥିବାରୁ ମଧ ପଞ୍ଚାୟତର କୌଣସି କାମ ଠିକ୍‌ଭାବେ ହୋଇପାରୁ ନ ଥିବା ସରପଞ୍ଚମାନେ ଅଭିଯୋଗ କରିଥିଲେ।


ବିଡିଓଙ୍କୁ ସରପଞ୍ଚ ସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମା'ବାପାଙ୍କ ମୃତ୍ୟୁ ପରେ ତିନିଶିଶୁ ଅନାଥ

**ଟିଟିଲାଗଡ଼, ୨୬।୯(ଡି.ଏନ.ଏ.)**

୧୩ବର୍ଷ ତଳେ ବିବାହ କରିଥିଲେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅଲଣ୍ଡା ପଞ୍ଚାୟତ ମୁଖ୍ୟାଳୟର ରତ୍ନମଣି ରଣା ଓ ରୁକ୍ମିଣୀ। ବେଶ୍ ହସଖୁସିରେ ସେମାନଙ୍କ ଦିନ ବିତୁଥିଲା। ୨ଝିଅ ଓ ଗୋଟିଏ ପୁଅକୁ ନେଇ ଚାଲିଥିଲା ସେମାନଙ୍କ ସଂସାର। ବିବାହର ୭ମ ବର୍ଷରେ ଅଜଣା ରୋଗରେ ଆଖି ବୁଜିଲେ ରତ୍ନମଣି। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ରଣା ପରିବାର ଉପରେ ଦୁଃଖର କଳାବାଦଲ ଘୋଟି ଆସିଲା। ତିନିପିଲାଙ୍କୁ ଧରି ରୁକ୍ମିଣୀ ଆଗକୁ ବଢୁଥିଲେ। ଗତ ମଙ୍ଗଳବାର ହୃଦ୍‌ଘାତରେ ରୁକ୍ମିଣୀଙ୍କ ମୃତ୍ୟୁ ହୋଇଯାଇଛି। ମା'ଙ୍କ ମୃତ୍ୟୁ ପରେ ଏବେ ସପ୍ତମ ଶ୍ରେଣୀରେ ପଢୁଥିବା ବଡଝିଅ ସୁରେଖା(୧୨), ତୃତୀୟ ଶ୍ରେଣୀରେ ପଢୁଥିବା ସାନଝିଅ ରଞ୍ଜିତା (୮) ଏବଂ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଏକମାତ୍ର ପୁଅ ପ୍ରଧାନୀ(୭) ଅନାଥ ଓ ବେସାହାରା ହୋଇ ଯାଇଛନ୍ତି। ଏହି ସମୟରେ ରତ୍ନମଣୀଙ୍କ ରୋଗିଣା ଭଉଣୀ ସୌଭାଗ୍ୟ ରଣା(୫୦) ତିନି ପିଲାଙ୍କ ଦେଖାଶୁଣା କରୁଛନ୍ତି। ବିବାହ ବିଚ୍ଛେଦ ପରେ ମାନସିକ ଅଶାନ୍ତିରେ ଥିବା ସୌଭାଗ୍ୟ ନିଜ ରୁଗ୍‌ଣ ଶରୀରରେ ପିଲାଙ୍କ ଲାଳନ ପାଳନ କେତେଦିନ କରି ପାରିବେ ତାହାକୁ ଦେଇ ଦେଖାଦେଇଛି ସଂଶୟ। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଯୁବରାଜ ବାଗ ରତ୍ନମଣିଙ୍କ ଘରେ ପହଞ୍ଚି ୩ପିଲାଙ୍କୁ ତାଙ୍କୁ ସାନ୍ତ୍ୱନା ଦେଇଛନ୍ତି। ହରିଶ୍ଚନ୍ଦ୍ର ଯୋଜନାରେ ପଞ୍ଚାୟତ ତରଫରୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଶୁଦ୍ଧିକ୍ରିୟା ସହ ଆଗକୁ ତିନି ପିଲାଙ୍କ ପାଠପଢା କିପରି ଜାରି ରହିବ ଓ ସେମାନେ ଜୀବନ ଜିଇଁ ପାରିବେ ସେ ନେଇ ବ୍ୟବସ୍ଥା କରାଯିବା ନେଇ ବାଗ ଆଲୋଚନା କରିଥିଲେ। ଜିଲାର ଏକ ଭଲ ଅନାଥାଶ୍ରମରେ ତିନିପିଲାଙ୍କୁ ଥଇଥାନର ବ୍ୟବସ୍ଥା କରାଯାଉଥିବା ନେଇ ବିଡିଓ ରିପୁନାଥ ସୁନା ପ୍ରତିଶ୍ରୁତି ଦେଇଥିବା ବାଗ ସୂଚନା ଦେଇଛନ୍ତି।


ସରପଞ୍ଚଙ୍କ ପ୍ରତିନିଧି ୩ଅନାଥ ପିଲାଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

**ସମଲେଶ୍ୱରୀଙ୍କ ଶୈଳପୁତ୍ରୀ ବେଶ**

**ବରଗଡ଼ ଅଫିସ୍:** ବରଗଡ଼ ସହର ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ସୋମବାର ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଥିଲେ। ଏହି ବେଶରେ ଦେବୀଙ୍କୁ ଦର୍ଶନ କଲେ ମଙ୍ଗଳ ପ୍ରାପ୍ତି ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ଦେବୀଙ୍କୁ ଦର୍ଶନ ପାଇଁ ସକାଳୁ ମନ୍ଦିର ଆଗରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ।

## ସଂକ୍ଷେପରେ

### ସଚିନ, ଅମନ ଜର୍ମାନୀ ୱାର୍ଲ୍ଡ ଗେମ ପାଇଁ ମନୋନୀତ

**ବରପାଲି, ୨୬।୯(ଡି.ଏନ.ଏ.):** ବରଗଡ ଜିଲା ବରପାଲି ସରସ୍ୱତୀ ଭିନ୍ନକ୍ଷମ ତାଲିମ କେନ୍ଦ୍ରର ସଚିନ ବାରିକ ଓ ଅମନ ପଟେଲ ସ୍ୱତନ୍ତ୍ର ଅଲମ୍ପିକ ଭାରତ ଓଡିଶା ପକ୍ଷରୁ ଜର୍ମାନୀଠାରେ ହେବାକୁ ଥିବା ୱାର୍ଲ୍ଡ ଗେମ ୨୦୨୩ ପାଇଁ ମନୋନୀତ ହୋଇଛନ୍ତି। ପୂର୍ବରୁ ଗୁଜରାଟର ଗାନ୍ଧିନଗରଠାରେ ଆୟୋଜିତ ହୋଇଥିବା ଫୁଟସାଲ ଖେଳରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ସେମାନେ ସଫଳତା ଲାଭ କରିଥିଲେ। ଏହା ସହ ହରିୟାଣାର ସୋନିପତଠାରେ ଅନୁଷ୍ଠିତ ଜାତୀୟ ଭିନ୍ନକ୍ଷମ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ସଚିନ ବାରିକ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ସେମାନେ ୱାର୍ଲ୍ଡ ଗେମ ପାଇଁ ସ୍ୱତନ୍ତ୍ର ଅଲମ୍ପିକ କୋଚ ଝସକେତନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୋକାରୋ ଷ୍ଟିଲ ସିଟି ଅଭ୍ୟାସ ଶିବିରରେ ଯୋଗ ଦେଇଛନ୍ତି।

### କୌପିନଧାରୀ ମହିମା ସମାଜର ବୈଠକ

**ବୌଦ୍ଧ,୨୬।୯(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାଧାନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗାନ୍ଧୀନଗର ଗ୍ରାମଠାରେ ଭୀମଭୋଇ ସେବା ସଂଘ କୌପିନଧାରୀ ମହିମା ସମାଜର ଭକ୍ତମାନଙ୍କ ଏକ ଜିଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଥିଲା । ସମାବେଶରେ ବିଭିନ୍ନ ବିଷୟରେ ଆଲୋଚନା କରାଯିବା ସହ ଜିଲାସ୍ତରର ଭୀମଭୋଇ ସେବା ସଂଘ କୌପିନଧାରୀ ମହିମା ସମାଜର ବୌଦ୍ଧ ନାମକ ଏକ କମିଟି ଗଠନ କରାଯାଇଥିଲା । ବୌଦ୍ଧ ସହର ବୁଟୁପାଲିର ଶିବ ଭକ୍ତଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଥିଲା । ଅଲେଖ ଧର୍ମର ପ୍ରଚାର କରିବା ପାଇଁ ଗାନ୍ଧୀନଗରଠାରେ ଏକ ଜିଲାସ୍ତରୀୟ ମଠ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ତପନ ବାବା, ସନ୍ତୋଷ ବାବା, ଜଗବନ୍ଧୁ, ନରେନ୍ଦ୍ର, ପ୍ରବାସୀ, ଅଚ୍ୟୁତା, ସୁରଥ, ନୟନା ମାତା,ମହିମା ମାତା, ନୀଳାଞ୍ଚଳ, ହିମାଂଶୁ, ସତ୍ୟ, ବିଚିତ୍ରା ଭକ୍ତ, ଶମ୍ଭୁନାଥ, ଉଗ୍ରେସନ, ସଦାନନ୍ଦ, ଅଶୋକ ଭକ୍ତ ଉପସ୍ଥିତ ଥିଲେ । ଶେଷରେ ଡାକ୍ତରୀ ଭକ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

### କ୍ଲଷ୍ଟରସ୍ତରୀୟ ଶିକ୍ଷକ ପର୍ବ ଉଦ୍‌ଯାପିତ

**ଅମରପାଲି,୨୬।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର କ୍ଲଷ୍ଟରସ୍ତରୀୟ ଶିକ୍ଷକ ପର୍ବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସିଆରସିସି ପ୍ରଦୀପ କୁମାର ଜଗଦଲାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଭିନ୍ନ ଭିନ୍ନ ଦିବସରେ ବିଭିନ୍ନ ସ୍କୁଲରେ ହୋଇଥିଲା। ଏଥିରେ କ୍ଲଷ୍ଟରର ସମସ୍ତ ସ୍କୁଲର ୩୩ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନ ବହଳପଦର ୟୁପି ସ୍କୁଲରେ କାର୍ଯ୍ୟକ୍ରମ ହୋଇଥିଲା । ଏଠାରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଆଧାରରେ ଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ଦିବସ କାର୍ଯ୍ୟକ୍ରମରେ ପ୍ରାଣବନ୍ଧୁ ସାହୁ, ତପକିରଣ ସାହୁ ଓ ଧିରେନ ନାୟକ ଆରପି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମ ଅମରପାଲି ୟୁପି ସ୍କୁଲ ରେ ହୋଇଥିଲା । ଏଥିରେ ରମେଶ ପ୍ରଧାନ,ବରୁଣ କଲତା ଓ ସୁରଭି ପ୍ରଧାନ ଆରପି ଭାବେ ଯୋଗଦେଇ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାଙ୍କ ଦକ୍ଷତା ବିକାଶ ପାଇଁ ଶିକ୍ଷଣୀୟ ତାଲିମ ପ୍ରଦାନ କରିଥିଲେ। ଶେଷଦିବସରେ ଭାଲୁଡୁଙ୍ଗୁରୀ ୟୁପି ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତ୍ରିବିକ୍ରମ ମହାନନ୍ଦ,ଲଳିତ କୁମାର ପ୍ରଧାନ, ଶୁଭାଶିଷ ମିଶ୍ର ଓ ବିଶ୍ୱନାଥ ନାଏକ ଆରପି ଭାବେ ଯୋଗଦେଇ ତୃତୀୟ,ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ପିଲାଙ୍କ ଦକ୍ଷତା ବୃଦ୍ଧି ଉପରେ ତାଲିମ ପ୍ରଦାନ କରିଥିଲେ।

### ପାର୍କ ନିର୍ମାଣ ପାଇଁ ଭୂମି ପୂଜନ

**ବିନିକା,୨୬।୯(ଡି.ଏନ.ଏ.):** ସୋମବାର ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ଦ୍ୱାରା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପଞ୍ଚାୟତ କପିଳେଶ୍ୱର ମନ୍ଦିର ନିକଟରେ ଗ୍ରାମ୍ୟ ଉଦ୍ୟାନ ନିର୍ମାଣ କାର୍ଯ୍ୟର ଭୂମିପୂଜନ କରାଯାଇଛି। ଏମ୍‌ଜିଏନ୍‌ଆରଇଜିଏସରେ ୧୦ଲକ୍ଷ ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ କରାଯିବ । ସ୍ଥାନୀୟ ସରପଞ୍ଚ ବୃନ୍ଦାବତୀ ନାୟକ ଓ ସମିତି ସଭ୍ୟା ନଳିନୀ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ବିଧାୟକ ବେହେରାଙ୍କୁ ଏକ ଶୋଭାଯାତ୍ରାରେ ନିର୍ମାଣ ସ୍ଥଳକୁ ପାଛୋଟି ନେଇଥିଲେ। ସେଠାରେ ବ୍ରାହ୍ମଣଙ୍କ ପୂଜାପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ଚାଷୀ ନେତା ଭୀମସେନ ସାହୁ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା,ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ଅଶୋକ ପୃଷ୍ଟି,ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ,ସରପଞ୍ଚ ପ୍ରତିନିଧି ଧୀବର ବେରିହା, ବ୍ଲକ ବିଜେଡି ସଭାପତି ଦ୍ୱାରିକାନାଥ ସାହୁ,ନଗର ସଭାପତି ସୋମନାଥ ମିଶ୍ର, ଜିଲା ପରିଷଦ ସଭ୍ୟ ବଶିଷ୍ଠ ଭରାସାଗର,ସଭ୍ୟା ପ୍ରମିଳା କଲତା,ଧର୍ମେନ୍ଦ୍ର ଥନାପତି, ଜୟ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ୟାକ୍ସ ଦେଉଛୁ, ମିଳୁନି ମୌଳିକ ସୁବିଧା

## ରାସ୍ତା, ବିଜୁଳି ପାଇଁ ତାତିଲେ ୧୧ନମ୍ବର ୱାର୍ଡର ମହିଳା

**ସରଣ୍ଡା, ୨୬।୯(ଡି.ଏନ.ଏ.)**



ଏନଏସି ଅଫିସ ସମ୍ମୁଖରେ ଧାରଣାରତ ମହିଳାମାନେ।

ଆମେ ଏନଏସିରେ ରହୁଛୁ। ଟ୍ୟାକ୍ସ ଦେଉଛୁ। ହେଲେ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ଏଭଳି ଅଭିଯୋଗ କରି ସୋମବାର ବରଗଡ ଜିଲା ଅତାବିରା ଏନଏସି ଅନ୍ତର୍ଗତ ୧୧ନଂ ୱାର୍ଡର ମହିଳାମାନେ ଏନଏସି କାର୍ଯ୍ୟାଳୟ ଘେରାଉ କରିଥିଲେ। କୁଡାପଡା, ମାଳିପଡା, ତେଲିପଡା, ଇନ୍ଦିରା ଆବାସର ଶତାଧିକ ମହିଳା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ କରିଥିଲେ ଯେ, ପଡାରେ ବିଜୁଳି ସମସ୍ୟା ନେଇ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଛି। ଛକରେ ଥିବା ହାଇମାଷ୍ଟ ଲାଇଟ ବହୁଦିନରୁ ଜଳୁନାହିଁ, ଅନେକ ଖୁଣ୍ଟର ବଲବ ଖରାପ ହୋଇପଡିଛି। ଅନେକ ବିଦ୍ୟୁତ ଖୁଣ୍ଟରେ ଆଦୌ ବଲବ ଲଗାଯାଇନାହିଁ । ଅନ୍ଧାରରେ ସେମାନେ ଯିବାଆସିବା କରୁଛନ୍ତି। ପୁଣି ଡ୍ରେନେଜ କାମ ସମୟରେ କଂକ୍ରିଟ ଗୁଡିକ ଉଠିଯାଇ ରାସ୍ତା ଖରାପ ହୋଇଯାଇଛି । ଅତିଶୀଘ୍ର ଏସବୁ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ନିର୍ବାହୀ ଅଧିକାରୀ ଜୟକୃଷ୍ଣ ପାତ୍ରଙ୍କ କହିବା ଅନୁସାରେ ଯେଉଁ ଖୁଣ୍ଟଗୁଡିକରେ ବଲବ ଅଛି କିନ୍ତୁ ଜଳୁନାହିଁ ତାକୁ ଅତିଶୀଘ୍ର ମରାମତି କରାଯିବ । ଏହାସହିତ ହାଇମାଷ୍ଟ ଲାଇଟଗୁଡିକୁ ମରାମତି କରାଯିବ। ବଲବ ଲାଗି ନ ଥିବା ଖୁଣ୍ଟରେ ଲାଇଟର ବ୍ୟବସ୍ଥା କରାଯିବ। ରାସ୍ତା ମରାମତି ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମାସେ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

## ସ୍କୁଲରେ ଛାତ୍ରଙ୍କ ହାତ ଭାଙ୍ଗିବା ଘଟଣା

**ସରଣ୍ଡା,୨୬।୯(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା ପ୍ରାଥମିକ ସ୍କୁଲରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ର ଶୁଭମ ଗର୍ଡ଼ିଆଙ୍କ ହାତ ଭାଙ୍ଗିଥିଲା। ଅନ୍ୟଜଣେ ଛାତ୍ର ତାଙ୍କ ଡାହାଣ ହାତରେ ଚଢ଼ିଯିବା ଯୋଗୁ ତାଙ୍କ ହାତ ଭାଙ୍ଗିଥିଲା ବୋଲି ଶୁଭମ କହିଛନ୍ତି। ଘଟଣାଦିନ ଶ୍ରେଣୀ ଶିକ୍ଷୟିତ୍ରୀଙ୍କୁ ଘଟଣା ସମ୍ପର୍କରେ କହିବା ସତ୍ତ୍ୱେ ସେ ଘଟଣାକୁ ହାଲୁକାଭାବେ ନେଇଥିବାବେଳେ ପରେ ପରିବାର ଲୋକେ ମଧ୍ୟ ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସେ ଦିଗରେ କିଛି କାର୍ଯାନୁଷ୍ଠାନ ନିଆଯାଇ ନଥିବା ଆହତ ଛାତ୍ରଙ୍କ ମା' ରୋହିଣୀ ଅଭିଯୋଗ କରିଛନ୍ତି। ଏପରିକି ଗତ ଶୁକ୍ରବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯାଳୟକୁ ଆସି ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ କିଛି ପଦକ୍ଷେପ ନିଆଯାଇ ନଥିବା ସେ ଅଭିଯୋଗ କରିଛନ୍ତି।

ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଗତମାସ ୨୮ତାରିଖ ଏହି ଘଟଣା ଘଟିଥିଲା। ସ୍କୁଲ କର୍ତ୍ତୃପକ୍ଷ ଏହାକୁ ଆରମ୍ଭରୁ ହାଲୁକାଭାବେ ନେଇଥିଲେ। ଛାତ୍ରଙ୍କୁ ଡାକ୍ତରଖାନା ନେବା ବଦଳରେ ଛୁଟି ହେବା ପର୍ଯ୍ୟନ୍ତ ତାଙ୍କୁ ସ୍କୁଲରେ ରଖିଥିଲେ। ଅପରପକ୍ଷେ ପରିବାର ଲୋକେ ଜାଣିବା ପରେ ଛାତ୍ରଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ ବୋଲି ଆହତ ଛାତ୍ରଙ୍କ ମା' ରୋହିଣୀ କହିଛନ୍ତି। ଏ ସମ୍ପର୍କରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପଦ୍ମିନୀ ନାୟକଙ୍କୁ ପଚାରିବାରୁ ଘଟଣାଦିନ ଛାତ୍ରୀଛାତ୍ର ପ୍ରାର୍ଥନା ପରେ ଠେଲାପେଲା ହୋଇଥିଲେ। କିନ୍ତୁ ହାତ ଭାଙ୍ଗିବା ନେଇ ଛାତ୍ରଜଣକ କିଛି ଅଭିଯୋଗ କରି ନଥିଲେ। କିନ୍ତୁ ପରେ ସମ୍ପୃକ୍ତ ଛାତ୍ର ନିୟମିତ ସ୍କୁଲ ଆସୁଥିବାବେଳେ ତାଙ୍କ ମା,ବାପା ହଠାତ୍ ଆସି ଶୁଭମଙ୍କ ହାତ ଭାଙ୍ଗିବା ନେଇ ଖବର ଦେଲ ନାହିଁ କହି ପାଟିତୁଣ୍ଡ କରିଥିଲେ। ପରଦିନ ବିଦ୍ୟାଳୟ ପରିଚାଳନା କମିଟିର ସଭା ଡକାଯାଇଥିଲା। କିନ୍ତୁ ପରିଚାଳନା କମିଟି ସଭ୍ୟା ଥିବା ସତ୍ତ୍ୱେ ରୋହିଣି ସଭାକୁ ଆସି ନଥିଲେ ବୋଲି ପ୍ରଧାନଶିକ୍ଷୟିତ୍ରୀ ନାୟକ କହିଛନ୍ତି। ଅନ୍ୟପକ୍ଷେ ବିଦ୍ୟାଳୟକୁ ଯାଇ ଏହାର ତଦନ୍ତ କରାଯିବ ବୋଲି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଥପନ କୁମାର ଦାଶ କହିଛନ୍ତି।

# ଗୀତା ଆବୃତ୍ତି ପ୍ରତିଯୋଗିତା



ଆୟୋଜକଙ୍କ ଗହଣରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ।

**ବରଗଡ଼ ଅଫିସ୍,୨୬।୯**

ଶ୍ରୀମଦ ଭାଗବତ ଗୀତାର ସାଂଖ୍ୟ ଯୋଗ ଆଧାରିତ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅବସରରେ ବରଗଡ଼ ରୋଟାରୀ ପବ୍ଲିକ ସ୍କୁଲରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବରଗଡ଼ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଉକ୍ତ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ବିଦ୍ୟା ପ୍ରଧାନ, ଲକି ପ୍ରଧାନ, ସାଇ ଅଂଶୁମାନ ମିଶ୍ର, ସିଦ୍ଧି ସେଠ, ଲିଜା ମହାନନ୍ଦ, ପ୍ରଭୁଦତ୍ତ ସୁଆର, ସୁପ୍ରୀତି ଭୋଇ, ସ୍ୱରିତ ମିଶ୍ର, ପ୍ରଣବ ପ୍ରଧାନ, ଏଞ୍ଜେଲ ଅଗ୍ରୱାଲ, ଆୟୁଷ୍ମାନ ଶତପଥୀ, ସ୍ୱର୍ଣ୍ଣିକା ପଣ୍ଡା, ମହମ୍ମଦ ନବୀ, ସୋନାଲି ଭୋଇ, ରାଗିଣୀ କର, ଶକ୍ତିପ୍ରସାଦ ଦାଶ, ସ୍ୱାତୀ ଦାଶ, ଅନନ୍ୟା ବିଶି, ଚୁମକୀ ପାଢ଼ୀ, ପ୍ରତ୍ୟୁଷ ସାହୁ, ଲିଲି ଠାକୁର, ରୋଜାଲିନ ମହାପାତ୍ର, ମୌସୁମୀ ଦାଶ, ପ୍ରେରଣା ବେହେରା, ବୈଶାଖୀ ସାହୁ, ସ୍ୱିଟୀ ଷାଣ୍ଢ ପ୍ରମୁଖ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଅବସରପ୍ରାପ୍ତ ପ୍ରାଧ୍ୟାପକ ସୌଭାଗ୍ୟ ପ୍ରଧାନ, ଶିକ୍ଷକ ପ୍ରଦେଶୀ ବାରିକ, ପ୍ରତାପ ପ୍ରଧାନ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀବତ୍ସ ପାଣିଗ୍ରାହୀ, ରମେଶ ଚନ୍ଦ୍ର ପଣ୍ଡା, କୋକନଦ ପଣ୍ଡା, ସମୀର ଶତପଥୀ, ନିଗମାନନ୍ଦ ମିଶ୍ର, ସୀମା ପ୍ରଧାନ, ଦୀପକ ମିଶ୍ର, ପ୍ରିୟବ୍ରତ ଆଚାର୍ଯ୍ୟ, ଘନଶ୍ୟାମ ପଣ୍ଡା ବିଚାରକଭାବେ ଯୋଗଦାନ କରିଥିଲେ। ପ୍ରତିଯୋଗିତାର ବିଜେତାଙ୍କୁ ମାନପତ୍ର, ପୁରସ୍କାର ପ୍ରଦାନ କରାଯାଇ ଥିବାବେଳେ ସମସ୍ତ ପ୍ରତିଯୋଗୀଙ୍କୁ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ଲିଖିତ ଗୀତା ପ୍ରସାଦ ପୁସ୍ତକ ପ୍ରଦାନ କରାଯାଇଥିଲା। ଦେବାଶିଷ ମହାପାତ୍ର, ପୁଷ୍ପାଞ୍ଜଳି ଦାଶ, ଜିଜ୍ଞାଶା ମହାପାତ୍ର, ରାଜଶେଖର ପଣ୍ଡା, ରବି ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଝରଣା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଧ୍ର ଗଲା ଅତାବିରାର ଧାନ

**ସରଣ୍ଡା,୨୬।୯(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରାରୁ ଆନ୍ଧ୍ର ପ୍ରଦେଶ ଧାନ ଚାଲାଣ ହେଉଛି। ସୋମବାର ଏଭଳି ଏକ ଧାନ ବୋଝେଇ ଟ୍ରକ(ନଂ–ଟିଏସ୍୦୫ ୟୁଡ଼ି ୪୧୪୨) ଆନ୍ଧ୍ର ପ୍ରଦେଶ ରାଜ୍ୟ ୱେଷ୍ଟ ଗୋଦାବରୀ ଜିଲା ମଣ୍ଡାପଡ଼ାକୁ ଯାଇଥିବା ଜଣାପଡ଼ିଛି। ଟ୍ରକରେ ୭୫୦ ପ୍ୟାକଟ୍ ଧାନ ବୋଝେଇ ହୋଇ ରହିଥିଲା। ବିନା କାଗଜାତ୍‌ରେ ସମ୍ପୃକ୍ତ ଟ୍ରକରେ ଧାନ ଚାଲାଣ ହେଉଥିବା ସୂଚନା ପାଇ ଅତାବିରା ଯୋଗାଣ ନିରୀକ୍ଷକ ରଞ୍ଜନ କୁମାର ନାଏକ ପ୍ରମୁଖ ପହଞ୍ଚି ଚକୁଳିଫାର୍ମ ନିକଟ ସତୀଜୋର୍ ନିକଟରେ ଟ୍ରକକୁ ଅଟକଥିଲେ। ପରେ ଯୋଗାଣ ବିଭାଗର ଆଉ ଏକ ଟିମ ସେଠାରେ ପହଞ୍ଚି ଯାଞ୍ଚ କରିଥିଲା। ତାଲପଦରଟିକ୍ରା, ନୂଆ ଖଇରପାଲି, ଗୋଡ଼ଭଗା ଏବଂ ଗଡ଼ତିଆପାଲି ଗ୍ରାମର ୯ଜଣ ଚାଷୀ ଟ୍ରକରେ ବୋଝେଇ ହୋଇଥିବା ଧାନ ତାଙ୍କର ବୋଲି ଦାବି କରିବା ସହିତ ସେମାନଙ୍କ ସହମତିରେ ଧାନ ଆନ୍ଧ୍ର ପ୍ରଦେଶକୁ ପଠାଯାଉଥିବା କହିଥିଲେ। ଏହା ପରେ ଯୋଗାଣ ଅଧିକାରୀମାନେ ସମ୍ପୃକ୍ତ ଧାନ ବୋଝେଇ ଟ୍ରକକୁ ଛାଡ଼ି ଦେଇଥିଲେ।

# ଅବସର ସତ୍ତ୍ୱେ ହେଉନି ଦାୟିତ୍ୱ ହସ୍ତାନ୍ତର



ଜିଲାପାଳଙ୍କୁ ଫେରାଦ ହୋଇଥିବା ସମ୍ବଲ କୋଠ ଚାଷ ସମବାୟ ସମିତିର ପ୍ରତିନିଧିବୃନ୍ଦ ।

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲା ଭେଡ଼େନ ବ୍ଲକ ରେମୁଣ୍ଡାସ୍ଥିତ ସମ୍ବଲ କୋଠ ଚାଷ ସମବାୟ ସମିତି ଲିଃର ଜଣେ ଭାରପ୍ରାପ୍ତ ସମ୍ପାଦକ ଅବସର ଗ୍ରହଣ ସତ୍ତ୍ୱେ ମଧ୍ୟ ଦାୟିତ୍ୱ ହସ୍ତାନ୍ତର କରୁ ନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ସୋମବାର ଉକ୍ତ ସମିତିର ସଭାପତି କୀର୍ତ୍ତନ ପଟେଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ନିବେଦନ କରିଛନ୍ତି।ସମ୍ପୃକ୍ତ ଭାରପ୍ରାପ୍ତ ସମ୍ପାଦକ ଗତ ଜୁନ ୩୦ତାରିଖରୁ ଅବସର ଗ୍ରହଣ କରି ସାରିଛନ୍ତି। କିନ୍ତୁ ଏତେଦିନ ଧରି ସେ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଏପରିକି ଦାୟିତ୍ୱ ହସ୍ତାନ୍ତର ନେଇ ସହକାରୀ ସମବାୟ ନିବନ୍ଧକ, ସମବାୟ ସମିତି ସମୂହ, ବରଗଡ଼ ସମ୍ପୃକ୍ତ ଭାରପ୍ରାପ୍ତ ସମ୍ପାଦକଙ୍କୁ ନୋଟିସ୍ କରିବା ସତ୍ତ୍ୱେ ସେ ଦାୟିତ୍ୱ ହସ୍ତାନ୍ତର କରୁ ନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସମିତିର ନବ ନିର୍ବାଚିତ ପରିଚାଳନା ପରିଷଦ ଦାୟିତ୍ୱ ଗ୍ରହଣ କରିସାରିଥିଲେ ସୁଦ୍ଧା କୌଣସି କାର୍ଯ୍ୟ କରି ପାରୁ ନଥିବା ସମିତିର ସଭାପତି ପଟେଲ କହିଛନ୍ତି।

# ଆନ୍‌ଚଳିକ ନୂଆଁଖାଇ ଭେଟ୍‌ଘାଟ

**ସରଣ୍ଡା,୨୬।୯(ଡି.ଏନ.ଏ.)**




ଭେଟ୍‌ଘାଟରେ ମଞ୍ଚାସୀନ ଅତିଥିମାନେ।

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା ମହାବିଦ୍ୟାଳୟ ଖେଳ ପଡିଆରେ ରବିବାର ପ୍ରଥମ କରି ଲରମ୍ଭା ଅଞ୍ଚଳକୁ ନେଇ ନିଆରା ଢଙ୍ଗରେ ଆନ୍‌ଚଳିକ ନୂଆଁଖାଇ ଭେଟ୍‌ଘାଟ ପାଳିତ ହୋଇ ଯାଇଛି। ଭାରତ ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭେଟ୍‌ଘାଟରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ମୁଖ୍ୟବକ୍ତାଭାବେ ଅଶ୍ୱିନୀ କୁମାର ପଣ୍ଡା ଯୋଗଦେଇଥିଲେ। ଲରମ୍ଭା କଲେଜ ଅଧ୍ୟକ୍ଷ ଡ଼. ପ୍ରମୋଦ କୁମାର ଭୋଇ, ହାସ୍ୟକବି ଦେବେନ୍ଦ୍ର ସାହୁ, ସମ୍ପାଦକ ନିର୍ମଳ ଚନ୍ଦ୍ର ଭୋଇ, ସରପଞ୍ଚ ସାବିତ୍ରୀ ପଣ୍ଡା, ସମିତି ସଭ୍ୟା ସୁମିତ୍ରା ରଣା, ବିନୟ ନାୟକ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିରେ ୯୦ ବର୍ଷରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ଗୁରୁଜନଙ୍କୁ ସମ୍ମାନିତ କରାଯାଇଥିଲା। କୈଳାସ ସେଠ ଓ କେଶବ ଛନ୍ଦଙ୍କ ପରିଚାଳନାକ୍ରମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଭାଗ ନେଇଥିବା କୃତିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରଫେସର ପବିତ୍ର ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଶାନ୍ତି ତପୋବନ ଆଶ୍ରମର ବୈଠକ

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ଶାନ୍ତି ତପୋବନ ଆଶ୍ରମ, ମାତୃଛାୟା ଓ ବାନପ୍ରସ୍ଥର ପଡ଼ୋଶୀସ୍ତରୀୟ ତଥା ଉପଦେଷ୍ଟା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୫ତାରିଖ ଦିନ ୧୦ଟାରେ ବିଶିପାଲି ମୌଜା ବିଦ୍ୟୁତ୍ ଗ୍ରୀଡ଼ ପଛପଟ ଜମିରେ ଶାନ୍ତି ତପୋବନ ଆଶ୍ରମର ନୂତନ ଗୃହ ନିର୍ମାଣ ପାଇଁ ଶୁଭ ଦେବ ପାଇଁ ବୈଠକରେ କାର୍ଯ୍ୟକ୍ରମ ସ୍ଥିତ କରାଯାଇଥିଲା। ବୈଠକରେ ଆଶ୍ରମର ମୁଖ୍ୟ ଦେବଦତ୍ତ ତ୍ରିପାଠୀ, ସଂଯୁକ୍ତ ଯୁବ ସଂଗଠନର ସଭାପତି ସୁରେନ୍ଦ୍ର ମେହେର, ଗିରିଜା ଶଙ୍କର ଆଚାର୍ଯ୍ୟ, ପୂର୍ଣ୍ଣ ଆଚାର୍ଯ୍ୟ, କୈଳାଶ ବିଶ୍ୱାଳ, ସୁବାସ ସାହୁ, ନେପାଳ ଭୋଇ, ଅବନୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ।

# ବେରୋଜଗାର ଯୁବକଙ୍କ ପାଇଁ ନିଯୁକ୍ତି ଶିବିର

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲା ପ୍ରଶାସନ ଏବଂ ଜିଲା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଜିଲାର ଶିକ୍ଷିତ ଯୁବକଙ୍କୁ ରୋଜଗାର ଉପଲବ୍ଧ କରାଇବା ସକାଶେ ନିଯୁକ୍ତି ଶିବିର ଅନୁଷ୍ଠିତ ହେବ। ମଙ୍ଗଳବାରରୁ ପଞ୍ଜିକରଣ ଆରମ୍ଭ ହେବ। କଟକର ରିଜିଓନାଲ ଟ୍ରେନିଂ ଏକାଡ଼େମୀ, ଏସଆଇଏସ ଲିମିଟେଡ୍ ସହଯୋଗରେ ହେବାକୁ ଥିବା ଏହି ଶିବିର ଜିଲାର ପ୍ରତି ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ସୁରକ୍ଷା କର୍ମୀ ଏବଂ ସୁରକ୍ଷା ସୁପରଭାଇଜର ପଦବୀ ପାଇଁ ଅକ୍ଟୋବର ମାସ ୧୭ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ଏହିକ୍ରମରେ ୨୮ତାରିଖ ଭଟଲି, ୨୯ରେ ଅତାବିରା, ୩୦ ବରଗଡ଼, ଅକ୍ଟୋବର ୧ ଭେଡ଼େନ, ୧୦ରେ ପଦ୍ମପୁର, ୧୧ ପାଇକମାଲ, ୧୨ ଝାରବନ୍ଧ, ୧୩ ଗାଇସିଲେଟ, ୧୪ ବିଜେପୁର, ୧୫ ବରପାଲି, ୧୭ତାରିଖ ସୋହେଲା ବ୍ଲକ କାର୍ଯ୍ୟାଳୟରେ ଚୟନ ଶିବିର ଅନୁଷ୍ଠିତ ହେବ । ଏଥିପାଇଁ ପ୍ରାର୍ଥିଙ୍କ ଯୋଗ୍ୟତା ସୀମା ୨୧ରୁ ୩୭ବର୍ଷ, ଶିକ୍ଷାଗତ ଯୋଗ୍ୟତା ଦଶମ ପାସ୍, ଉଚ୍ଚତା ୧୬୭.୫ ସେ,ମି କିମ୍ବା ତଦୁର୍ଦ୍ଧ୍ୱ, ଓଜନ ୫୬ରୁ ୯୦କି.ଗ୍ରା ଏବଂ ଶାରୀରିକ ସୁସ୍ଥ ହୋଇଥିବା ଆବଶ୍ୟକ । ଚୟନ ପ୍ରାର୍ଥିଙ୍କୁ କଟକର ଚୌଦାରସ୍ଥିତ ଏସଆଇଏସ ଲିଃରେ ଏକ ମାସ ପ୍ରଶିକ୍ଷଣ ପରେ ଯୋଗ୍ୟ ପ୍ରାର୍ଥିଙ୍କୁ ଦେଶର ଜଣାଶୁଣା ସଂସ୍ଥା ତଥା ଶିଳ୍ପ, ବ୍ୟାଙ୍କିଙ୍ଗ, କର୍ପୋରେଟ୍, ଡାକ୍ତରଖାନା ଆଦିରେ ମାସିକ ୧୨ହଜାରରୁ ୧୫ହଜାର ପର୍ଯ୍ୟନ୍ତ ଦିଆଯିବା ସହିତ ଇପିଏଫ, ଇଏସଆଇ, ଗ୍ରାଚ୍ୟୁଇଟି, ବୋନସ, ସ୍ୱାସ୍ଥ୍ୟବୀମା, ବାର୍ଷିକ ବେତନ ବୃଦ୍ଧି, ପ୍ରମୋଶନ ଏବଂ ପେନସନ ଆଦି ସୁବିଧା ସୁଯୋଗ ରହିଛି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

# ମା' ଦୁର୍ଗାଙ୍କ ଶାରଦୀୟ ଧରାବତରଣ ଉତ୍ସବ

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ବଙ୍ଗାଳୀ ସମାଜ ତରଫରୁ ମା' ଦୁର୍ଗାଙ୍କ ଶାରଦୀୟ ଧରାବତରଣ ଉତ୍ସବ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ମୋନିଷା ବାନାର୍ଜୀ ଉପସ୍ଥିତ ରହି ଆୟୋଜକ କମିଟିକୁ ଉତ୍ସାହିତ କରିଥିଲେ। ଜିଲାପାଳ ବାନାର୍ଜୀଙ୍କ ପରାମର୍ଶକ୍ରମେ ଚଳିତବର୍ଷ ପୂଜା ପରେ ବିଜୟ ମିଳନ ଉତ୍ସବ ପାଳନ କରାଯିବ ବୋଲି ସ୍ଥିର କରାଯାଇଛି। ଉକ୍ତ ଧାର୍ମିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, କାଉନସିଲର ଉମାଚରଣ ରାଉତ, ବଙ୍ଗାଳୀ ସମାଜର ସଭାପତି ସମୀର ଭଟ୍ଟାଚାର୍ଯ୍ୟ, ସମ୍ପାଦକ ଅଭିଜିତ ପ୍ରତିହାର, କୋଷାଧ୍ୟକ୍ଷ କାଞ୍ଚନ ଚକ୍ରବର୍ତ୍ତୀ, ଉପସଭାପତି ପ୍ରକାଶ ଶାହ, ଯୁଗ୍ମ ସମ୍ପାଦକ ସୋମେନ ଶାହ, ସହ କୋଷାଧ୍ୟକ୍ଷ ସୁମନ ଶାହ, କାର୍ଯ୍ୟନିର୍ବାହୀ ସଦସ୍ୟ ରାଜକୁମାର ଭଟ୍ଟାଚାର୍ଯ୍ୟ, ଆଶିତ ପ୍ରତିହାର, ଏନ.ସି.ରାୟ, ପୂର୍ଣ୍ଣ ଦାଶ, ଶୁଭ୍ରାଂଶୁ ଆଚାର୍ଯ୍ୟ, ମଦନ ଦୋରା ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଡୁଙ୍ଗୁରିପାଲି,୨୬।୯(ଡି.ଏନ.ଏ.)**




ଶିବିରରେ ଯୋଗ ଦେଇଥିବା ଅଧିକାରୀବୃନ୍ଦ ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାସ, ଏସ୍‌ପି ଅମରେଶ ପଣ୍ଡା,ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଶୁଣିବା ସହ ୭୧ଟି ପଞ୍ଜୀକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ୬୫ ଗୋଟି ଓ ସାମୁହିକ ୬ ଗୋଟି ଗ୍ରହଣ କରାଯାଇଥିଲା । ଏହି ଦରଖାସ୍ତର ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଡୁଙ୍ଗୁରିପାଲି ବିଡ଼ିଓ ତ୍ରିପୁର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର,ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇ. ଦାମୋଦର କଇବର୍ତ୍ତ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ସିଡିପିଓ ଜୟନ୍ତୀ ଗଡତିଆ, ଏଇ ଶୋଭନାଦ ମାଝୀ, ଆରଡ଼ି ଯନ୍ତ୍ରୀ ପ୍ରଭାତ ମହନ୍ତ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ରଞ୍ଜନ କୁମାର ପଟେଲ, ବିଇଓ ଗଣେଶ କିଷାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପାର୍ଥ ପ୍ରତିମ ପଣ୍ଡା, ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

ଏହି ଶିବିର ଅବସରରେ ଅତିରିକ୍ତ ଜିଲାପାଳ ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଜୀବନଦାଦର ଗ୍ରାମର ଭିନ୍ନକ୍ଷମ ମନୋଜ ଦେହୁରୀ ଓ ସ୍ତ୍ରୀ ପିଙ୍କି ଦେହୁରୀ ଏବଂ ଦିଗଶିରା ଗ୍ରାମର ଭିନ୍ନକ୍ଷମ ଆନନ୍ଦଚନ୍ଦ୍ର ସାଗର ଓ ତାଙ୍କ ସ୍ତ୍ରୀ ବେବିତା ସାଗରଙ୍କୁ ଭିନ୍ନକ୍ଷମ ବିବାହ ପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଅର୍ଥ ରାଶି ବାବଦରେ ଦୁଇ ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହାଛଡା ୨୫ଜଣ ଏସଏଚଜି ସଦସ୍ୟାଙ୍କୁ କିଚେନ ଗାଡେନ ନିମନ୍ତେ ପନିପରିବା ଚାଷ ପାଇଁ ବିଭିନ୍ନ ପନିପରିବା ମଞ୍ଜି କିଟ୍ ପ୍ରଦାନ କରାଯାଇଥିଲା।

**କୁଚିଣ୍ଡା କଲେଜରେ ରକ୍ତଦାନ ଶିବିର**

କୁଚିଣ୍ଡା (ଡି.ଏନ.ଏ.): କୁଚିଣ୍ଡା କଲେଜରେ ଏନ୍‌ଏସ୍‌ଏସ୍‌, ଏନ୍‌ସିସି ଓ ଯୁବ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଶ୍ରୀକାନ୍ତ ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରକୁ ଏନ୍‌ଏସି ଅଧକ୍ଷ ପ୍ରଦ୍ୟୁତ ମହାନ୍ତି ଉଦ୍‌ଘାଟନ କରିଥିଲେ। ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ର, ଗାୟତ୍ରୀ ଇନଷ୍ଟିଚ୍ୟୁଟର ସିଇଓ ଅତିଶ ଶତପଥୀ, ଧୀରେନ ମହାନ୍ତି, ଅଧାପିକା ସୁଚିତ୍ରା ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରାଙ୍କ ସଂଯୋଜନାରେ ୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ସଂକ୍ଷେପରେ

### ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

**ଝାରସୁଗୁଡ଼ା ଅଫିସ,୨୬।୯:** ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କନକତୋରା ରାଜୀବ ଭବନଠାରେ ଭାରତୀୟ ଜନତା ପାର୍ଟି ପଞ୍ଚଗାଁ ମଣ୍ଡଳ ତରଫରୁ ରବିବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳନ ହୋଇଯାଇଥିଲା। ଏହି ଅବସରରେ ତାଙ୍କର ଦେଶ ପ୍ରତି ବଳିଦାନ ବିଷୟରେ ଆଲୋଚନା କରାଯାଇଥିଲା। ମଣ୍ଡଳ ସଭାପତି କୁନ୍ଦନ ସିଂହଦେଓ ଅଧକ୍ଷତା କରିଥିବାବେଳେ ହାରାଚାନ୍ଦ ଗଡତିଆ ସ୍ୱାଗତ ଭାଷଣ ଦେଇଥିଲେ। ସଞ୍ଜୟ କୁମାର ଭୋଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନୀ ପଠନ କରିଥିଲେ। ଦ୍ୱିତୀୟ ଭୋଇ, ସୁଦାମ ପଧାନ, ଜନାର୍ଦ୍ଦନ ପଣ୍ଡା ଏବଂ ଅଶୋକ ସାହୁ ଦୀନଦୟାଲ ଉପାଧ୍ୟାୟଙ୍କ ଦେଶ ପ୍ରତି ଅବଦାନ ତଥା ତାଙ୍କର ଭାରତୀୟ ଜନତା ପାର୍ଟିରେ ନେତୃତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ତାଙ୍କର ଅଗାଧ ପାଣ୍ଡିତ୍ୟ ତଥା ପ୍ରଖର ରାଷ୍ଟ୍ରବାଦ ଯୋଗୁ ସମସ୍ତଙ୍କର ପ୍ରେରଣାର ଉତ୍ସ ସାଜିଥିଲେ। ଏହି ଅବସରରେ ପଞ୍ଚଗାଁ ମଣ୍ଡଳର ବରିଷ୍ଠ କାର୍ଯ୍ୟକର୍ତ୍ତା ନବୀନ ବିଶ୍ୱାଳ, ସୁରେନ୍ଦ୍ର ସାହୁ, ହେମ କୁମାର ପଧାନ, ବିବେକାନନ୍ଦ ବେହେରା , କାଳି ଚରଣ ମେହେର , ସୁନ୍ଦର ଲାଲ ସେଠ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଏଥିରେ କନକତୋରା ସରପଞ୍ଚ ସୁଶାନ୍ତ ଚଇନି ଧନ୍ୟବାଦ ଦେଇଥିଲେ।

### ହୀରାକୁଦଠାରେ ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର,୨୬।୯(ବ୍ୟୁରୋ):** ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚାଉଁରପୁର ପକ୍ଷରୁ ସୋମବାର ହୀରାକୁଦ ଏନ୍‌ଏସି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଣସଂକ୍ରମଣ ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୀଲିପ କୁମାର ନନ୍ଦଙ୍କ ପରିଚାଳନାରେ ଶିବିର ହୋଇଥିଲା। ଶହେଜଣ ରୋଗୀଙ୍କ ମଧୁମେହ, ରକ୍ତଚାପ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଡାକ୍ତର ଅଲିଭ କୁମାର ପଟ୍ଟନାୟକ ରୋଗୀଙ୍କ ଚିକିତ୍ସା କରିଥିଲେ। ନିହାରୀକା ବଡ଼ପଣ୍ଡା ଯୋଗଦେଇ ଉଚ୍ଚ ରକ୍ତଚାପ ଓ ମଧୁମେହ ବିଷୟରେ ଆଲୋକପାତ କରିଥିଲେ। ତୁଲାରାମ ମେହେର, ବୈକୁଣ୍ଠ କାରୁଆ, ରଶ୍ମିତା ପାତ୍ର, ଲିଲି ନାଏକ, ବାସନ୍ତି ସ୍ୱାଇଁ, ଇନ୍ଦ୍ରଜିତ ବେହେରା ସହଯୋଗ କରିଥିଲେ।

### ଜମନକିରାରେ ନୂଆଁଖାଇ ଭେଟ୍‌ଘାଟ୍

**ଜମନକିରା,୨୬।୯(ଡି.ଏନ.ଏ.):** ଜମନକିରା ପୁରୁଣା ଥାନା ପଡିଆରେ ମା’ ତୋର ସାହାରା ପରିବାର ପକ୍ଷରୁ ଶନିବାର ସନ୍ଧ୍ୟାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ପରିବାରର ମୁଖ୍ୟ ଆକାଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗାଁର ଗୌନ୍ତିଆ ହେମନ୍ତ ପଟେଲ, ଓଡ଼ିଶା ସାମ୍ବାଦିକ ସଂଘ ସମ୍ବଲପୁରର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରସାଦ ଦାନୀ, ହାସ୍ୟ କବି ଗୁଣରଞ୍ଜନ ସାଲିମା, ସଙ୍ଗୀତ ଏକାଡେମୀ ସଭ୍ୟ ଶାଶ୍ୱତ ତ୍ରିପାଠୀ, ବାସୁଦେବ ତ୍ରିପାଠୀ, ଥାନା ଆଇଆଇସି ପ୍ରେମଜିତ ଦାସ ମଞ୍ଚାସୀନ ଥିଲେ। ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପଡିଆବାହାଲ ସ୍ୱଂୟ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଓ ରକଷ୍ଟର ରିଦମ ନିଶ୍ୱାସ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ହାସ୍ୟ କବି ଗୁଣରଞ୍ଜନ ସମ୍ବଲପୁରୀ କବିତା ମାଧ୍ୟମରେ ଲୋକଙ୍କ ମନୋରଞ୍ଜନ କରିଥିଲେ।

### ୫୫ ଅଭିଯୋଗ ଶୁଣାଣି

**ରେଢାଖୋଲ,୨୬।୯(ଡି.ଏନ.ଏ.):** ଜିଲା ପ୍ରଶାସନ ପକ୍ଷରୁ ସୋମବାର ରେଢାଖୋଲ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ଅନନ୍ୟା ଦାସ ଓ ଏସ୍‌ପି ବାତୁଲା ଗଙ୍ଗାଧର ଯୋଗଦେଇ ସମୁଦାୟ ୫୫ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିମଧ୍ୟରୁ ୨୦ଟି ଗୋଷ୍ଠୀଗତ ଓ ୩୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏ ଅବସରରେ ଜିଲାପାଳ ୩ଜଣ ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା, ୩ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର, ୮ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ୭ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ୧୦ଜଣଙ୍କୁ ଜାତି ପ୍ରମାଣପତ୍ର ବଣ୍ଟନ କରିଥିଲେ। ଜନଶୁଣାଣିରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ ବଳ, ଉପଜିଲାପାଳ ପବିତ୍ର ବେହେରା, ବିଡିଓ ମନୋଜ ମେହେର, ତହସିଲଦାର ଦେବାଶିଷ ପାତ୍ର, ଡିଏଫ୍‌ଓ ରମାକାନ୍ତ ନାୟକ, ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧକ୍ଷ ଶିବରାମ ସାହୁଙ୍କ ସମେତ ଜିଲା ଓ ଉପଖଣ୍ଡର ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

# ସମ୍ବଲପୁର-ରୋଡ୍ ଷ୍ଟେଶନ ବନ୍ଦ ବିରୋଧ ତେଜିଲା

**୧୩୨ ବର୍ଷର ଐତିହାସିକ ଷ୍ଟେଶନ ବଳପୂର୍ବକ ଭାଙ୍ଗିଲେ**

**ରାସ୍ତାରୋକୋ କରି ପ୍ରତିବାଦ**

ସମ୍ବଲପୁର,୨୬।୯(ବ୍ୟୁରୋ)



ସମ୍ବଲପୁର ରୋଡ୍ ଷ୍ଟେଶନ ଭାଙ୍ଗିଦିଆଯାଇଛି।

ସମ୍ବଲପୁର-ରୋଡ୍ ଷ୍ଟେଶନ ବନ୍ଦ ବିରୋଧ ତେଜିଛି। ୧୩୨ ବର୍ଷର ପୁରାତନ ଐତିହାସିକ ଷ୍ଟେଶନକୁ ସୋମବାର ବଳପୂର୍ବକ ଭାଙ୍ଗି ଦିଆଯାଇଛି। ସ୍ଥାନୀୟ ଲୋକେ ବିରୋଧ କରିଥିଲେ ମଧ୍ୟ ପୋଲିସ ଲଗାଇ ସେମାନଙ୍କୁ ଘଉଡାଇ ଦିଆଯାଇଥିଲା। ପରେ ସେମାନେ ଫାଟକ ନିକଟରେ ରାସ୍ତାରୋକୋ କରି ପ୍ରତିବାଦ କରିଥିଲେ। ହେଲେ ସେଠାରୁ ମଧ୍ୟ ଉଠାଇ ଦିଆଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସମ୍ପୂର୍ଣ୍ଣ ଭଙ୍ଗାଯିବା ପର୍ଯ୍ୟନ୍ତ ପୋଲିସ ମୁତୟନ ରହିଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଅଭିଯୋଗ କରିଛନ୍ତି, ଷ୍ଟେଶନ ନ ଭାଙ୍ଗି ବିକଳ୍ପ ବ୍ୟବସ୍ଥା ରହିଥିଲା। ହେଲେ ସରକାର ଲୋକଙ୍କ ସହ ଆଲୋଚନା ନ କରି ଭାଙ୍ଗିଦେଲେ। ସମ୍ବଲପୁର ରୋଡ୍ ଷ୍ଟେଶନ ସ୍ୱାଧୀନତା ପୂର୍ବରୁ ୧୮୯୦ରେ ନିର୍ମାଣ ହୋଇଥିଲା। ଷ୍ଟେଶନରେ ଟିକେଟ କାଉଣ୍ଟର, ଯାତ୍ରୀ ପ୍ରତୀକ୍ଷାଳୟ ଭଳି ସମସ୍ତ ସୁବିଧା ରହିଛି। ପ୍ରକାଶ ଥାଉକି, ୨୦୨୧ ମସିହା ମାର୍ଚ୍ଚରେ ରେଳ ବିଭାଗ ଓ ଆନ୍ଦୋଳନ କମିଟି ପକ୍ଷରୁ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ରେଳ ବିଭାଗ, ପ୍ରଶାସନ ଓ ସ୍ଥାନୀୟ କମିଟି ମିଳିତ ଭାବେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି ସ୍ଥିର ହୋଇଥିଲା। ରେଳ ଲାଇନ କାମରେ ସମସ୍ୟା ନ ହୋଇ କିଭଳି ଐତିହ୍ୟ ଷ୍ଟେଶନକୁ ସୁରକ୍ଷିତ ରଖାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଟିକେଟ କାଉଣ୍ଟର, ଯାତ୍ରୀ ବିଶ୍ରାମାଗାର, ରେଳ ରହଣି ଭଳି ସମସ୍ତ ସୁବିଧା ନେଇ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ମିଳିଥିଲା।

## ଦୁର୍ଘଟଣାରେ ଜଣେ ମୃତ: ରାସ୍ତାରୋକୋ

ରେଙ୍ଗାଲି,୨୬।୯(ଡି.ଏନ.ଏ.)

ସମ୍ବଲପୁର ଜିଲା କତରବଗା ଥାନା ପୁରୁଣା ରାଞ୍ଚି ରାସ୍ତା ଲୁହାଖଣ୍ଡି ଛକରେ ସୋମବାର ଏକ ଟାଟା ଏସିଇ ଓ ଟିଭିଏସ୍ ଏକ୍ସେଲ ମଧ୍ୟରେ ଧକ୍କା ହେବାରୁ ଏକ୍ସସେଲ ଅରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାସୁପାଲି ଗ୍ରାମର ପକ୍ଷୀତ ମିର୍ଦ୍ଧା (୫୮)। ଅପରାହ୍ନ ୩ଟା ସମୟରେ ଦୁର୍ଘଟଣା ଘଟିବାରୁ ପକ୍ଷୀତ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନେବା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଲୁହାଖଣ୍ଡି ଛକରେ ରାସ୍ତାରୋକୋ କରିଥିଲେ। ପରେ କତରବଗା ଥାନ ଅଧିକାରୀ ଓ ଅନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ସନ୍ଧ୍ୟା ପ୍ରାୟ ୬ଟାରେ ରାସ୍ତାରୋକୋ ହଟିଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ ପାଇଁ ଦାବି

ସମ୍ବଲପୁର,୨୬।୯(ବ୍ୟୁରୋ)

ସମ୍ବଲପୁର ବ୍ରଜମୋହନ ପଟ୍ଟନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ରାଜ୍ୟ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ୯ ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ପ୍ରଶାନ୍ତ କୁମାର ଦାସ ସଭା ପରିଚାଳନା କରିଥିଲେ। କଟକ ଜିଲାର ଚାରୁ ଚରଣ ବେହେରା, ଢେଙ୍କାନାଳର ପ୍ରଶାନ୍ତ କୁମାର ନାଥ, ଦେବଗଡ଼ର ବାବୁଲି ବିଶ୍ୱାଳ, ଝାରସୁଗୁଡ଼ାର ସୁରେଶ ଚନ୍ଦ୍ର ପ୍ରଧାନ, ସମ୍ବଲପୁରର ପ୍ରମୋଦ କୁମାର ପ୍ରଧାନ ମଞ୍ଚାସନ ହୋଇ ଏନ୍‌ପିଏସ୍ ବାବଦରେ ଆଲୋଚନା କରିଥିଲେ। ଏନ୍‌ପିଏସ୍ ଏକ ପେନ୍‌ସନ ଯୋଜନା ନୁହେଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଜଣେ ଶିକ୍ଷକ ଦୀର୍ଘକାଳ ଶିକ୍ଷକତା କଲାପରେ ମଧ୍ୟ ପରିବାର ପ୍ରତିପୋଷଣ ପାଇଁ ମାତ୍ର ୯୫୦ଟଙ୍କା ପାଉଛି। ଏତିକି କମ୍ ପାଉଣାରେ ଜଣେ ପରିବାର ସହ ଚଳିବା କଷ୍ଟକର। ଏଣୁ ନୂତନ ପେନ୍‌ସନ ହଟାଇ ପୁରୁଣା ପେନ୍‌ସନ ଲାଗୁ କରିବା ପାଇଁ ଦାବି କରି ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଆପଣେଇବେ ବୋଲି ମତ ପ୍ରକାଶ କରିଥିଲେ। ବୈଠକରେ ମହେଶ୍ୱର ପ୍ରଧାନ, ଚେରୁ ପାତ୍ର, ପବିତ୍ର ସ୍ୱାଇଁ, ସବୀର ନାଥ, ଅମୂଲ୍ୟ ସେଠ, ମଜିବୁଦ୍ଦିନ ଖାନ, ଅକ୍ଷୟ ବେହେରା, ବିକ୍ରମ ମାଝି, ସଞ୍ଜୟ ପଟେଲ, ଅରୁଣ ନାଏକ, ମନୋଜ ନାଏକ, ପ୍ରଶାନ୍ତ ପଣ୍ଡା, କାର୍ତ୍ତିକ କିଷାନ, ଗୋପୀନାଥ ପ୍ରଧାନ ଓ ଜ୍ଞାନେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ।

## ଜୟନ୍ତପୁରରେ ଜନ ଅଭିଯୋଗ ଶୁଣାଣି



ଶିବିରରେ ଯୋଗଦେଇଥିବା ମହିଳାପୁରୁଷ।

ପଡିଆବାହାଲ, ୨୬।୯(ଡି.ଏନ.ଏ.)

ଯୁଯୁମୁରା ବ୍ଲକ ଜୟନ୍ତପୁରଠାରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁଯୁମୁରା ବିଡିଓ ନୀଳାମ୍ବର ମହାନନ୍ଦ, ତହସିଲଦାର ଅଭିଷେକ ସାହୁ ଯୋଗଦେଇ ମୋଟ ୮୬ ଅଭିଯୋଗ ଶୁଣାଣି କରିଥିଲେ। ଏହି ଅବସରରେ ୮ଜଣଙ୍କୁ ନୂତନ ପେନ୍‌ସନ ଯୋଜନାରେ ସାମିଲ କରାଯିବା ସହ ୮ଜଣଙ୍କୁ ୟୁଡିଆଇଡି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ, ଜିଲା ପରିଷଦ ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଏଲ୍‌ଆଇସି ଓବିସି କର୍ମଚାରୀ ସଙ୍ଗଠନ ସମ୍ମିଳନୀ

ସମ୍ବଲପୁର,୨୬।୯(ବ୍ୟୁରୋ)

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ସମ୍ବଲପୁର ମଣ୍ଡଳ ଓବିସି କର୍ମଚାରୀ କଲ୍ୟାଣ ସଙ୍ଗଠନର ଏକ ସମ୍ମିଳନୀ ସ୍ଥାନୀୟ ମଣ୍ଡଳ କାର୍ଯ୍ୟାଳୟ ପରିସର ସ୍ପୋର୍ଟ୍ସ କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଥିଲା। ପୂର୍ବ-ମଧ୍ୟ ଜୋନ୍ ଏଲ୍‌ଆଇସି ଓବିସି କର୍ମଚାରୀ କଲ୍ୟାଣ ସଂଘ ମହାସଚିବ ଚନ୍ଦ୍ରଶେଖର ଜୀ ଏହାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ମଣ୍ଡଳ ପ୍ରବନ୍ଧ ବି.ଏଲ୍. ଦାଶ ମୁଖ୍ୟଅତିଥି, ଓବିସି ମଞ୍ଚ ରାଜ୍ୟ ସଭାପତି ଶଙ୍କର ପାତ୍ର ମୁଖ୍ୟବକ୍ତା, ବରିଷ୍ଠ ଓବିସି କର୍ମୀ ଉତ୍ତମ ପ୍ରଧାନ, ସୁଜନ କୁମାର ପଟେଲ, ଶଶି ଶେଖର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଛୁଆ ବର୍ଗ ଏଲ୍‌ଆଇସି କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ସଂଗଠନର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତି ରମେଶ କୁମାର ସାହୁ, ସାଧାରଣ ସମ୍ପାଦକ ଟିକେଶ୍ୱର ମେହେର, ଉପସଭାପତି ସୁଜନ କୁମାର ପଟେଲ ଓ ମୁନସୀ କର୍ଣ୍ଣ, ସାଙ୍ଗଠନିକ ସମ୍ପାଦକ ମନୋଜ କୁମାର ବାରିକ, ସହସମ୍ପାଦକ ବୃନ୍ଦାବନ ନାୟକ ଓ ରାମନାଥ ନାୟକ, ଯୁଗ୍ମ ସମ୍ପାଦକ ଶଶି ଶେଖର ବାରିକ ଓ ପ୍ରମୋଦ ବାଗ, ଅଫିସର ପାତ୍ର ସମ୍ପାଦକ (ବିଓ), ମନୋରଞ୍ଜନ ଗୁରୁ ସହ ସମ୍ପାଦକ (ବିଓ), ପ୍ରତାପ କୁମାର ସ୍ୱାଇଁ, ଚିତ୍ତରଞ୍ଜନ ସାମଲ, ଜୟ ପ୍ରକାଶ ସାହୁ, ଗୌରାଙ୍ଗ ମେହେର, ନନ୍ଦ କିଶୋର ବେହେରା, ଲଳିତ ମୋହନ ବେହେରା, ଦୈତାରୀ ବିଶ୍ୱାଳ, ରମେଶ ସାହୁ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ଏଥିରେ ଏଲ୍‌ଆଇସି ଏସ୍‌ସି/ଏସ୍‌ଟି କଲ୍ୟାଣ ସଙ୍ଗଠନ ସଭାପତି ଅକ୍ଷୟ କୁମାର ଭୋଇ, ଦଶରଥ ମୁଣ୍ଡା, ଜିଲା ଓବିସି ମଞ୍ଚର ଆବାହକ ସରୋଜ ସାହୁ, ସୁଧାଂଶୁ ଶେଖର ମହାରଣା, ହୀରାଲାଲ ବେହେରା, ଭବାନୀ ଶଙ୍କର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ।




ଏଲଆଇସି ଓବିସି କର୍ମଚାରୀଙ୍କ ବୈଠକ ।

# ପୁଷ୍ଟିଶସ୍ୟ ସଚେତନତା ରଥ ଶୁଭାରମ୍ଭ



ଜିଲାପାଳ ପତାକା ଦେଖାଇ ରଥ ଶୁଭାରମ୍ଭ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୨୬।୯

ଜାତୀୟ ପୋଷଣ ମାସ ଅବସରରେ ଝାରସୁଗୁଡ଼ାରେ ପୁଷ୍ଟିଶସ୍ୟ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ସରୋଜ କୁମାର ସାମଲ ସୋମବାର ଜିଲା କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ଓଡିଶା ମିଲେଟ ମିଶନ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଜିଲାର ସମସ୍ତ ୫ ବ୍ଲକରେ ୨୯ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲୁ ରହିବ। ପାଞ୍ଚଟି ସଚେତନତା ରଥ ବ୍ଲକର ସମସ୍ତ ଗ୍ରାମାଞ୍ଚଳ ବୁଲିବା ସହ କ୍ଷୁଦ୍ରଶସ୍ୟରୁ ପୋଷଣଯୁକ୍ତ ପକୁଡ଼ି, ବରା, ଉପମା, ଲଡୁ ଓ ବିସ୍କୁଟ ଆଦି ଖାଦ୍ୟ ପ୍ରସ୍ତୁତ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ କୋଲାବିରା ଜିଲା କୃଷି ଅଧିକାରୀ ବଲବୀର ସିଂ ସ୍ୱାୟାଂ, ଆତ୍ମା ଉପ ପ୍ରକଳ୍ପ ନିର୍ଦ୍ଦେଶକ ଧୀରେନ୍ଦ୍ର ସିଂ ବରିହା, ମିଲେଟ ମିଶନ ଜିଲା କାର୍ଯ୍ୟକ୍ରମ ସଂଯୋଜକ ଟିକେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ହିସାବରକ୍ଷକ ସ୍ୱର୍ଣ୍ଣଲତା ବିଶ୍ୱାଳ, ସ୍ୱେଚ୍ଛାସେବୀ ସଂଗଠନ ‘ଆଜକା’ର ସମ୍ପାଦକ ଗୌତମ ବେହେରା, ‘ସେବକ’ର ଅଧକ୍ଷ ଅମିୟକାନ୍ତ ନାୟକ ଓ ମିଲେଟ ମିଶନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ

ଝାରସୁଗୁଡ଼ା ଅଫିସ,୨୬।୯

ଝାରସୁଗୁଡା ମହିଳା ମହାବିଦ୍ୟାଳୟ ପରିସରରେ ଶନିବାର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପ୍ରତିତୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ସରୋଜ ନାୟକ ସହଯୋଗ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପିକା ମୀନା ସୋନୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଗଣାରେ ରକ୍ତ ପରୀକ୍ଷା, ହିମୋଗ୍ଲୋବିନ ପରୀକ୍ଷା ଆଦି କରାଯାଇଥିଲା। ଏଥିରେ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ସାମିଲ ହୋଇଥିଲେ। ଏହି ସ୍ୱାସ୍ଥ୍ୟସେବା ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରୀକ୍ଷାଗାରର ବିଶେଷଜ୍ଞ ସୁଧୀର ପଟେଲ, ଅଶ୍ୱିନୀ ନାୟକ, ଲୀପା ବନଛୋର ପ୍ରମୁଖ ସ୍ୱାସ୍ଥ୍ୟ କର୍ମଚାରୀ ସହଯୋଗ କରିଥିଲେ।

# କିସିଣ୍ଡାରେ ଜନ ଅଭିଯୋଗ ଶୁଣାଣି

ନାକଟିଦେଉଳ,୨୬।୯(ଡି.ଏନ୍.ଏ.)

ନାକଟିଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରସ୍ତରୀୟ ଏହି ଶିବିରରେ କିସିଣ୍ଡା, ପାଣିମୁରା ଓ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ଜନସାଧାରଣ ଯୋଗଦେଇ ଅଭିଯୋଗ ଦାଖଲ କରିଥିଲେ। ଏଥିରେ ସମୁଦାୟ ୩୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସମସ୍ତ ଅଭିଯୋଗ ବ୍ୟକ୍ତିଗତ ରହିଥିଲା। ଆବାସ ଯୋଜନା, ରାଶନକାର୍ଡ଼ ଓ ସାମାଜିକ ସୁରକ୍ଷା ଯୋଜନା ବାବଦରେ ସର୍ବାଧିକ ଅଭିଯୋଗ ହୋଇଥିଲା। ବିଡିଓ ବିବେକାନନ୍ଦ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିବା ସହ ତୁରନ୍ତ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିର ସ୍ଥଳରେ ୩ଟି ବ୍ୟକ୍ତିଗତ ଅଭିଯୋଗର ସମାଧାନ କରାଯାଇଥିଲା। ଜଣେ ହିତାଧିକାରୀଙ୍କୁ ହୁଇଲ ଚେୟାର, ୧୦ଜଣଙ୍କୁ ମୃତ୍ତିକା ବିଭାଗ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ, କିସିଣ୍ଡା ସରପଞ୍ଚ ରୀନା ନାଏକ, ପାଣିମୁରା ସରପଞ୍ଚ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନକରାଯାଉଛି।

# କେନ୍ଦୁପତ୍ର କର୍ମଚାରୀ ସଂଘର ସମାବେଶ

ନାକଟିଦେଉଳ,୨୬।୯(ଡି.ଏନ.ଏ.)




ସମାବେଶରେ ଯୋଗ ଦେଇଥିବା ସଂଘର ରାଜ୍ୟ ସଭାପତି, ରାଜ୍ୟ ସମ୍ପାଦକ ଓ ଅନ୍ୟମାନେ।

ସମ୍ବଲପୁର ଜିଲା ନାକଟିଦେଉଳସ୍ଥିତ ହାଟପଦା ଠାରେ ରବିବାର ଦିନ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ କେନ୍ଦୁପତ୍ର ତୋଳାଳି ଏବଂ ସିଜିନାଲ କର୍ମଚାରୀମାନଙ୍କୁ ନେଇ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅନ୍ତର୍ଗତ ନାକଟିଦେଉଳ, ଶିମିଳିପାଳ ଓ କିସିଣ୍ଡା ରେଞ୍ଜର କେନ୍ଦୁପତ୍ର ତୋଳାଳି ଏବଂ ସିଜିନାଲ କର୍ମଚାରୀ ଯୋଗ ଦେଇଥିଲେ । ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାବେଶରେ ରେଢାଖୋଲ ଡିଭିଜନ ସଂପାଦକ କିଶୋର ପ୍ରଧାନ ଡିଭିଜନର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ। ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ଲାଗୁ କରିଥିବା ୧୮ପ୍ରତିଶତ ଜିଏସ୍‌ଟି ପ୍ରତ୍ୟାହାର କରି ନ ଥିବାରୁ ଘୋର ଉଦବେଗ ପ୍ରକାଶ କରାଯାଇଥିଲା। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ

**କେନ୍ଦୁପତ୍ରରୁ ଜିଏସ୍‌ଟି ପ୍ରତ୍ୟାହାର ଦାବି**

ଜିଏସଟି ପ୍ରତ୍ୟାହାର କରିବା ପାଇଁ ଦୁଇ ଦୁଇ ଥର ଚିଠି ଲେଖିଥିଲେ ମଧ୍ୟ କୋଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସଂଘ ପକ୍ଷରୁ ପୁନର୍ବାର ଗତ ଡ଼ିସେମ୍ବର ୩ ତାରିଖରେ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । କିନ୍ତୁ ଏ ବିଷୟରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରୁ ନ ଥିବାରୁ ସମାବେଶରେ ଯୋଗ ଦେଇଥିବା କାର୍ଯ୍ୟକର୍ତ୍ତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ୨୦୨୩ ମସିହା ବିଶ୍ୱ ଶ୍ରମିକ ଦିବସରେ ନୂତନ ମଜୁରି ହାର ଘୋଷଣା କରାଯାଇ ସିଜିନାଲ କର୍ମଚାରୀମାନଙ୍କ ଯେଉଁ ହାରରେ ମଜୁରି ବୃଦ୍ଧି କରାଯାଏ ତାହା କରିବା ପାଇଁ ଦାବି କରାଯାଇଥିଲା । ଏହି ସମାବେଶରେ ରାଜ୍ୟ ସଂପାଦକ ସଂଜିତ ମହାନ୍ତି, ରାଜ୍ୟ ସଂପାଦକ ମହମ୍ମଦ ମୁର୍ତ୍ତୁଜା, ବରିଷ୍ଠ ଶ୍ରମିକ ନେତା ଅନାଦି ଚରଣ ସାହୁ, ରେଞ୍ଜ ସଂପାଦକ ଭିକାରୀ ପ୍ରଧାନ, ନାକଟିଦେଉଳ ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଶିବାନୀ ବାରିକ ,ପରୀକ୍ଷିତ ସାହୁ, ଗନ୍ଧର୍ବ ପ୍ରଧାନ, ତ୍ରିନାଥ ସାହୁ, ତ୍ରିବେଣୀ ରାଉଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କେନ୍ଦୁପତ୍ର ତୋଳାଳି ଏବଂ ସିଜିନାଲ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରି ସମସ୍ତେ ସଂଗଠିତ ହୋଇ ନିଜର ନ୍ୟାର୍ଯ୍ୟ ଦାବି ହାସଲ ପାଇଁ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

